## ସଂକ୍ଷେପରେ

### ଅଣ୍ଡରା ପଞ୍ଚାୟତ ସରପଞ୍ଚ ଉପନିର୍ବାଚନର ପ୍ରାର୍ଥିପତ୍ର ଦାଖଲ ଶେଷ

**ପଟ୍ଟାମୁଣ୍ଡାଇ,୨।୧୧(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଡରା ପଞ୍ଚାୟତର ସରପଞ୍ଚ ପଦ ପାଇଁ ଶନିବାର ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇଛି । ଅକ୍ଟୋବର ୩୧ରୁ ନଭେମ୍ବର ୨ ପର୍ଯ୍ୟନ୍ତ ୩ ଦିନ ମଧ୍ୟରେ ୫ ଜଣ ପ୍ରାର୍ଥୀ ଏହି ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଶନିବାର ଅଶୋକ ମଲ୍ଲିକ ଓ ପ୍ରଭାକର ଜେନା ନିଜ ନିଜ ସମର୍ଥକଙ୍କ ଗ୍ରହଣରେ ଆସି ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଅଶୋକଙ୍କ ସହ ଅଣ୍ଡରା ପଞ୍ଚାୟତର ବିଜେଡି ସଭାପତି ବିଜୟ ମଲ୍ଲିକ, ଉଲ୍ଲାସ ମଲ୍ଲିକ, ନାରାୟଣ ମଲ୍ଲିକ, ବିଚିତ୍ର ମଲ୍ଲିକ, ପ୍ରଣୟ ଦାସ, ଅମିତ ମଲ୍ଲିକ, ଅଲେଖ ମଲ୍ଲିକ, ରମେଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହାପୂର୍ବରୁ ଅନ୍ନପୂର୍ଣ୍ଣା ମଲ୍ଲିକ, ରଶ୍ମିତା ନାୟକ ଓ ଅଭୟ ସ୍ୱାଇଁ ଆସି ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିଲେ।

ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନରେ ଉପେନ୍ଦ୍ର ମଲ୍ଲିକ ଅଣ୍ଡରା ପଞ୍ଚାୟତରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀମାନେ ଉପେନ୍ଦ୍ରଙ୍କ ୩ ସନ୍ତାନ ଥିବା ଅଭିଯୋଗ କରିଥିଲେ। ଏହାପରେ ତତ୍କାଳୀନ ଜିଲାପାଳ ରେଘୁ ଜି. ଏହାର ତଦନ୍ତ କରି ପ୍ରମାଣ ପାଇଥିଲେ। ଏନେଇ ସେ ଚିଠି ନଂ.୧୬୦୮ରେ ଗତ ୧୧ ଅକ୍ଟୋବର ୨୦୧୭ରେ ଉପେନ୍ଦ୍ରଙ୍କ ସରପଞ୍ଚ ପଦକୁ ଅସିଦ୍ଧ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଅଣ୍ଡରା ପଞ୍ଚାୟତର ନାଏବ ସରପଞ୍ଚ ରଶ୍ମିତା ମଲ୍ଲିକଙ୍କୁ ସରପଞ୍ଚ ଦାୟିତ୍ୱ ତୁଲାଇବା ପାଇଁ ପଟ୍ଟାମୁଣ୍ଡାଇ ତତ୍କାଳୀନ ବିଡିଓ ଲିଖିତ ଅନୁମତି ଦେଇଥିଲେ । ଏହି ସରପଞ୍ଚ ପଦବୀ ଖାଲି ପଡିଥିବାରୁ ଚଳିତ ମାସ ୨୭ ତାରିଖରେ ଏଠାରେ ଉପନିର୍ବାଚନ କରିବା ନିମନ୍ତେ ସ୍ଥିର କରାଯାଇଛି। ୨୮ରେ ଏହାର ଫଳାଫଳ ଘୋଷଣା କରାଯିବ। ଆସନ୍ତା ୪ ତାରିଖ ସୁଦ୍ଧା ନାମାଙ୍କନ ପତ୍ର ଯାଞ୍ଚ ଓ ୭ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିନଧାର୍ଯ୍ୟ କରାଯାଇଛି ବୋଲି ବ୍ଲକ ନିର୍ବାଚନ ଅଧିକାରୀ ବିଡିଓ ପବିତ୍ର ମୋହନ କାନୁନ୍‌ଗୋ କହିଛନ୍ତି।

### ମା’ ମନସାଙ୍କ ପୂଜା ଉଦ୍‌ଯାପିତ

**ମହାକାଳପଡା,୨।୧୧(ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜାଲକଣା ଗ୍ରାମରେ ମା’ ମନସାଙ୍କ ୧୧ତମ ପୂଜାର ଶନିବାର ପୂର୍ଣ୍ଣାହୁତି ହେବା ସହ ଉଦ୍‌ଯାପିତ ହୋଇଯାଇଛି। ଗତ ଗୁରୁବାରଠାରୁ ଗ୍ରାମରେ ମା’ ମନସାଙ୍କ ମୃଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା ଚାଲିଥିଲା। ଏନେଇ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ, ପାଲା ଓ ଭଜନ ଆଦି ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ଯୋଗଦେଇଥିଲେ। ଗ୍ରାମରେ କିଛିବର୍ଷ ପୂର୍ବେ ସାପକାମୁଡାରେ ଲୋକଙ୍କ ମୃତ୍ୟୁ ଘଟୁଥିଲା। ଏଥିରୁ ରକ୍ଷା ପାଇବା ପାଇଁ ମା’ମନସାଙ୍କ ପୂଜା କରିବା ପାଇଁ ଗ୍ରାମରେ ସ୍ଥିର କରାଯାଇଥିଲା ବୋଲି ଗ୍ରାମ ମୁରବି କହିଛନ୍ତି।

■ପାଣିପାଇପ୍ ତାଲିମ କେନ୍ଦ୍ରରେ ପ୍ଲମ୍ବିଂ ଲ୍ୟାବ୍ ଉଦ୍‌ଘାଟିତ

# ପାଣି ପାଇପ କ୍ଷେତ୍ରରେ ପଟ୍ଟାମୁଣ୍ଡାଇର ଖ୍ୟାତି ରହିଛି

**ପଟ୍ଟାମୁଣ୍ଡାଇ, ୨।୧୧ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଚା’ପଡ଼ାସ୍ଥିତ ପାଣି ପାଇପ୍ ତାଲିମ୍ କେନ୍ଦ୍ରରେ ଶନିବାର ପ୍ଲମ୍ବିଂ ଲ୍ୟାବ୍ ଉଦ୍‌ଘାଟନ କରାଯାଇଛି। ପାଣି ପାଇପ୍ କ୍ଷେତ୍ରରେ ଅତ୍ୟାଧୁନିକ ଯନ୍ତ୍ରପାତି ସଂଯୋଗ କରିବା ବିଷୟରେ ଶିକ୍ଷାଦେବା ଏହି ଲ୍ୟାବ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ଅତ୍ୟାଧୁନିକ ପାଇଖାନା, ଗାଧୁଆଘର ଓ ବିଭିନ୍ନ ପ୍ରକାର ପାଣି କଳ ସମେତ ଅନ୍ୟାନ୍ୟ ପାଣି ସମ୍ବନ୍ଧୀୟ ଯନ୍ତ୍ରପାତି ସବୁ ରହିଛି। ଏଥିରେ ଦକ୍ଷତା ଓ ଶିଳ୍ପୋଦ୍ୟୋଗୀ ବିକାଶ କେନ୍ଦ୍ରମନ୍ତ୍ରୀ ଏମ୍‌କେ ମହେନ୍ଦ୍ରନାଥ ପାଣ୍ଡେ ଓ ଗୋସମ୍ପଦ ଓ ମତ୍ସ୍ୟ ବିକାଶ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ ପାଣି ପାଇପ୍ କ୍ଷେତ୍ରରେ ପଟ୍ଟାମୁଣ୍ଡାଇର ଖ୍ୟାତି ଦେଶ ବିଦେଶରେ ରହିଛି। ଏହି ତାଲିମ କେନ୍ଦ୍ରରୁ ଛାତ୍ରମାନେ ଶିକ୍ଷା ଲାଭ କରି ବିଭିନ୍ନ ସ୍ଥାନରେ ନିଜର ଦକ୍ଷତାର ପରିଚୟ ଦେଇଛନ୍ତି। ଏହି ଅତ୍ୟାଧୁନିକ ଲ୍ୟାବ ଯୁବପିଢ଼ିଙ୍କ ପାଇଁ ବିଶେଷ ଭାବେ ଉପଯୋଗୀ ହେବ ବୋଲି ପାଣ୍ଡେ କହିଥିଲେ। ଏହି ଲ୍ୟାବ ଦ୍ୱାରା ଅତ୍ୟାଧୁନିକ ଯନ୍ତ୍ରପାତି ସମ୍ବନ୍ଧରେ ଜ୍ଞାନ କୌଶଳ ହାସଲ କରିବାକୁ ଏଠାକାର ପାଣିପାଇପ ମିସ୍ତ୍ରି ସୁଯୋଗ ପାଇବେ ବୋଲି ରାଷ୍ଟ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଥିଲେ। କାର୍ଯ୍ୟକ୍ରମରେ ଡ. ଆରକେ ସୋମେନି ଓଡିଶା ପାଣିପାଇପ୍ ବିକାଶ ନିର୍ଦ୍ଦେଶକ ରେଘୁ ଜି, ରବୀନ୍ଦ୍ରନାଥ ପ୍ରଧାନ, ଏମ୍‌କେ ଗୁପ୍ତା, ସି.ଏସ୍ ଗୁପ୍ତା, ଅଶୋକ ପ୍ରଧାନ, ସଞ୍ଜୀବ ଅଗ୍ରୱାଲ୍, ପିକେ ଚଢା, ନିର୍ବାହୀ ଯନ୍ତ୍ରୀ ଅଭିଷେକ ମିଶ୍ର ଓ ବର୍ମା ଟଣ୍ଡନ ପ୍ରମୁଖ ଯୋଗଦେଇ ଆଧୁନିକ ଉପକରଣ ମାଧ୍ୟମରେ ଓ ସ୍ୱତନ୍ତ୍ର ତାଲିମ ମାଧ୍ୟମରେ ପିଲାମାନେ ଆଗକୁ ଯାଇପାରିବେ ବୋଲି କହିଥିଲେ। ପଟ୍ଟାମୁଣ୍ଡାଇ ପାଣି ପାଇପ୍ ତାଲିମ୍ କେନ୍ଦ୍ର(ଆଇଟିଆଇ)ର ଅଧ୍ୟକ୍ଷ ନୀହାର ପଟ୍ଟନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୩।୧୧।୨୦୧୯ (ରବିବାର)**

- ନିଃଶୁଳ୍କ ଭାରତୀୟ ଗୋବିଜ୍ଞାନ ପ୍ରଶିକ୍ଷଣ, ସ୍ଥାନ– ମହିଷାସୁର ପଞ୍ଚାୟତ ପଡିଆ, ରାଜନଗର, ସମୟ– ଅପରାହ୍ଣ ୩ଟା
- ଆମ ଗାଁ, ଆମ ସାହିତ୍ୟର ସମାରୋହ, ସ୍ଥାନ– ବିରୂପା ମହାବିଦ୍ୟାଳୟ, ଇନ୍ଦୁପୁର, କେନ୍ଦ୍ରାପଡା, ସମୟ– ପୂର୍ବାହ୍ଣ ୧୧ଟା

**୪।୧୧।୨୦୧୯ (ସୋମବାର)**

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ– ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ– ପୂର୍ବାହ୍ଣ ୧୦ଟା।

**୫।୧୧।୨୦୧୯ (ମଙ୍ଗଳବାର)**

- ରାଜ୍ୟସ୍ତରୀୟ ଗୋ–ନବରାତ୍ର ମହୋତ୍ସବ ଉଦ୍‌ଯାପନୀ ଉତ୍ସବ, ସ୍ଥାନ– ମହିଷାସୁର ପଞ୍ଚାୟତ ପଡିଆ, ରାଜନଗର, ସମୟ– ସନ୍ଧ୍ୟା ୬ଟା।
- ଶ୍ରୀ ବଳଦେବଜୀଉଙ୍କ ତୁଳସୀ ବେଶ, ସ୍ଥାନ– ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡା, ସମୟ– ଅପରାହ୍ଣ ୫ଟା ।

**୮।୧୧।୨୦୧୯ (ଶୁକ୍ରବାର)**

- ଶ୍ରୀ ବଳଦେବଜୀଉଙ୍କ ପ୍ରଳମ୍ବାସୁର ବଧ ବେଶ, ସ୍ଥାନ– ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡା, ସମୟ– ଅପରାହ୍ଣ ୫ଟା।

**୯।୧୧।୨୦୧୯ (ଶନିବାର)**

- ତୁଳସୀ ଚେତନା ପରିଷଦର କନ୍ଦରାସୁର ବଧ ଓ ତୁଳସୀ ବିବାହ ଉତ୍ସବ, ସ୍ଥାନ– ଗୋପ, ସମୟ– ସନ୍ଧ୍ୟା ୬ଟା।
- ହୁତାତ୍ମା ଦିବସ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ– ଶ୍ରୀରାମ ମନ୍ଦିର, ତିନିମୁହାଣୀ, କେନ୍ଦ୍ରାପଡା, ସମୟ– ପୂର୍ବାହ୍ଣ ୭ଟା।

# ୨୫ତମ ବ୍ଲକସ୍ତରୀୟ ଶୀତକାଳୀନ କ୍ରୀଡ଼ା ପ୍ରତିଯୋଗିତା


କ୍ରୀଡା ପ୍ରତିଯୋଗିତା ଅବସରରେ ଅତିଥି ଓ ଅନ୍ୟମାନେ।

**ମହାକାଳପଡା, ୨।୧୧ (ଡି.ଏନ୍.ଏ.)**

ମହାକାଳପଡା ବ୍ଲକ ବଉଳକଣୀ ପଞ୍ଚାୟତ ଅନ୍ତର୍ଗତ ପ୍ରେମଚାନ୍ଦ ବିଦ୍ୟାପୀଠ ପରିସର ମଧ୍ୟରେ ୨୫ତମ ବ୍ଲକସ୍ତରୀୟ ଶୀତକାଳୀନ କ୍ରୀଡା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ପରିଡା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର କ୍ରୀଡା ପ୍ରତିଭାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସେମାନଙ୍କୁ ଅଧିକ ପ୍ରଶିକ୍ଷଣ ଦେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାରେ ୪୨ ଉଚ୍ଚ ବିଦ୍ୟାଳୟର ୨୮୪ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, କ୍ରିକେଟ ଆଦିରେ ଅଂଶଗ୍ରହଣ କରିଥିବା ୩୧ ଜଣ କ୍ରୀଡାବିତଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ କରାଯାଇଥିଲା। ଅପରାହ୍ଣରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁଶୀଲ ନାଥଶର୍ମା ଯୋଗଦେଇଥିଲେ। କ୍ରୀଡା ପ୍ରତିଯୋଗିତାକୁ ବ୍ଲକ କ୍ରୀଡାସଂଘ ସମ୍ପାଦକ ବ୍ୟାସଦେବ ବେବର୍ତ୍ତା ପରିଚାଳନା କରିଥିଲେ। ୪୨ଟି ବିଦ୍ୟାଳୟରୁ ଆସିଥିବା କ୍ରୀଡା ଶିକ୍ଷକମାନଙ୍କ ମଧ୍ୟରେ ଅରୁଣ ବିଶ୍ୱାଳ, ଦିଲୀପ ସାହୁ, ସରସ୍ୱତୀ ଦାସ, ଝାନ୍‌ସୀରାଣୀ ଦାସ ଓ ବିଭୂତି ଭୂଷଣ ଚୌଧୁରୀ ପ୍ରମୁଖ ଏହି କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଜୀବନ ଚନ୍ଦ୍ର ଦେବନାଥ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ଅନୁମତି ପାଇଲେନି ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

**କେନ୍ଦ୍ରାପଡା ଅଫିସ,୨।୧୧**

କେନ୍ଦ୍ରାପଡା ଜିଲାର ୮ଟି ସେଣ୍ଟରରେ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ଓ ଜାତୀୟ ମେଧା ଅନ୍ୱେଷଣ ପରୀକ୍ଷା ରବିବାର ଅନୁଷ୍ଠିତ ହେବ । ତେବେ ଏହି ପରୀକ୍ଷାରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଅନୁମତି ମିଳି ନ ଥିବା ଅଭିଭାବକ ସରୋଜ କୁମାର ବିଶ୍ୱାଳ, ହରିଶ୍ଚନ୍ଦ୍ର ସାମଲ, ମନ୍ମଥ କୁମାର କରଙ୍କ ସମେତ ବହୁ ଅଭିଭାବକ ଗଣମାଧ୍ୟମକୁ ଶନିବାର ସୂଚନା ଦେଇଛନ୍ତି । ସେମାନେ ପ୍ରକାଶ କରିଛନ୍ତି ଯେ, ଆୟଭିତ୍ତିକ ମେଧାବୃତ୍ତି ପାଇଁ ଜିଲାର ୨୪୦୦ରୁ ଊର୍ଦ୍ଧ୍ୱ ଆବେଦନ ପତ୍ର ଜିଲା ଶିକ୍ଷାବିଭାଗକୁ ଆସିଥିଲା । ତେବେ ୨୧୩୦ ଜଣଙ୍କୁ ଏଥିରେ ସାମିଲ କରାଯାଇଛି । ବାର୍ଷିକ ୧.୫ ଲକ୍ଷ ଟଙ୍କାରୁ କମ୍ ରୋଜଗାର ହେଉଥିବା ପରିବାରର ଆୟ ପ୍ରମାଣପତ୍ର ଏଥିରେ ଆବଶ୍ୟକ ଥିବା ବେଳେ ତହସିଲ କାର୍ଯ୍ୟାଳୟରୁ ଉପଯୁକ୍ତ ସମୟରେ ପ୍ରମାଣପତ୍ର ମିଳି ନ ଥିଲା। ସେହିପରି ଏକାସଙ୍ଗରେ ୨ଟି ଜାତୀୟ ମେଧାବୃତ୍ତି ଦିଆ ଯାଉଥିବା ବେଳେ ଆୟ ପ୍ରମାଣପତ୍ର ଦେଇ ପାରି ନ ଥିବା ଛାତ୍ରୀଛାତ୍ରଙ୍କୁ ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମରେ ସାମିଲ କରାଯାଇ ନାହିଁ । ଏନେଇ ଜିଲା ବିଜ୍ଞାନ ପରିଦର୍ଶକ କହିଛନ୍ତି ଯେ, ପ୍ରତ୍ୟେକ ଅଭିଭାବକଙ୍କୁ ବିଜ୍ଞପ୍ତି ମାଧ୍ୟମରେ ଆୟ ପ୍ରମାଣପତ୍ର ଆଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିସହ ଆୟ ପ୍ରମାଣପତ୍ର ନ ଆଣି ପାରିଲେ ରାଶନ କାର୍ଡ ସଂଯୋଗ କରିବା ପାଇଁ ଉଲ୍ଲେଖ ହୋଇଥିଲା । ତେବେ ଅଭିଭାବକଙ୍କ ଉଦାସୀନତା ଯୋଗୁ ଏହି ବ୍ୟତିକ୍ରମ ଦେଖାଯାଇଛି ।

# ସନାତନ ଧର୍ମ ସହ ଗୋମାତାର ସମ୍ପର୍କ ଶାଶ୍ୱତ


ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଉପସ୍ଥିତ ସାଧୁସନ୍ଥ।

**ରାଜନଗର,୨।୧୧(ଡି.ଏନ.ଏ.)**

ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ ପଡିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ଗୋ–ନବରାତ୍ର ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ସାଧୁସନ୍ଥମାନେ ଯୋଗଦେଇ ଗୋମାତାର ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ସନ୍ଥ ସମର୍ପଣାନନ୍ଦ ଗିରିଙ୍କ ସଂଯୋଜନାରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମହିମାଧର୍ମର ଅନ୍ୟତମ ପରିବ୍ରାଜକ ସାଧୁ ନିତ୍ୟାନନ୍ଦ ଦାସ (ପାଗଳ ବାବା) ଯୋଗଦେଇ ଗୋମାତାର ସୁରକ୍ଷା ହୋଇ ପାରିଲେ ସନାତନ ଧର୍ମ ତାର ମୂଳ ଆଧାରକୁ ବଜାୟ ରଖିପାରିବ ବୋଲି କହିଥିଲେ। ଯୁଗେ ଯୁଗେ ସନାତନ ଧର୍ମ ସହିତ ଗୋମାତାର ସଂପର୍କ ଚିର ଶାଶ୍ୱତ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଏଥିରେ ସାଧୁ ନଟବର ଦାସ, ସାଧୁ ଅନ୍ତର୍ଯ୍ୟାମୀ ଦାସ, ପଟ୍ଟାମୁଣ୍ଡାଇ ରାଧାରମଣ ମଠର ମହନ୍ତ ଅସୀମାନନ୍ଦ ଦାସ, ଡ. ଦେବବ୍ରତ ସାହାଣୀ ପ୍ରମୁଖ ଯୋଗଦେଇ ଗୋ–ନବରାତ୍ର ମହୋତ୍ସବର ଉଦ୍ଦେଶ୍ୟ ଏବଂ ଗୋମାତାର ସୁରକ୍ଷା ସମ୍ବନ୍ଧରେ ଦୀକ୍ଷାନ୍ତ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଅରୁଣ କୁମାର ପଣ୍ଡା ଯୋଗଦେଇ ଗୋମାତାର ସୁରକ୍ଷା ପାଇଁ ଆମେ ସମସ୍ତେ ଏହି ଗୋ ନବରାତ୍ର ମହୋତ୍ସବରେ ସଂକଳ୍ପ ନେବାର ସମୟ ଆସିଛି ବୋଲି ମତବ୍ୟକ୍ତ କରିଥିଲେ।

### ୨ ଟ୍ରଲର ଜବତ, ୧୮ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୨।୧୧(ଡି.ଏନ.ଏ.)**

ଅଲିଭରିଡଲେ କଇଁଛ ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମ କରି ଗହୀରମଥାର ନୀଳ ଜଳରାଶିରେ ପାଦ ଥାପିଛନ୍ତି । କଇଁଛମାନଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ ତାରିଖ ଠାରୁ ବନବିଭାଗ ନିଷିଦ୍ଧାଞ୍ଚଳରେ ବେଆଇନ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି । କଟକଣାର ପ୍ରଥମ ଦିନରେ ବାଲେଶ୍ୱର ଅଞ୍ଚଳର ଦିବ୍ୟଜ୍ୟୋତି–୨ ଓ ଲକ୍ଷ୍ମୀପ୍ରିୟା ନାମକ ଦୁଇଟି ଟ୍ରଲର ବେଆଇନ ଭାବରେ ନିଷିଦ୍ଧାଞ୍ଚଳର ଅଗରନାସୀ ଦ୍ୱୀପ ନିକଟରେ ମାଛ ଧରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ ଏହାକୁ ଜବତ କରିଛନ୍ତି। ଏଥିରେ ଥିବା ୧୮ଜଣ ମତ୍ସ୍ୟଜୀବୀଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇଙ୍କ ନେତୃତ୍ୱରେ ଏକ ପଇଁତରା ଟିମ୍ ନିଷିଦ୍ଧାଞ୍ଚଳରେ କଇଁଛମାନଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ କରୁଥିବା ବେଳେ ଏହି ଦୁଇଟି ଟ୍ରଲରକୁ ଜବତ କରିଥିଲେ।

■ମହିଳା କର୍ମଚାରୀଙ୍କୁ ଅସଦାଚରଣ ମାମଲା

# ଏଲ୍‌ସିସିରେ ପୀଡ଼ିତାଙ୍କ ବୟାନ ରେକର୍ଡ

**କେନ୍ଦ୍ରାପଡ଼ା ଅଫିସ, ୨।୧୧**

କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ସୋସାଇଟି ସଭାପତି ପ୍ରମୋଦ ସାହୁ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିବା ମାମଲା ଏବେ ଭିନ୍ନ ମୋଡ ନେଇଛି। ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିବାରୁ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି । ଜିଲା ପ୍ରଶାସନ ପକ୍ଷରୁ ଗଠିତ ଲୋକାଲ କମ୍ପ୍ଲେଣ୍ଟ କମିଟି (ଏଲ୍‌ସିସି) ଏନେଇ ଶନିବାର ଶୁଣାଣି କରିଛି । ଜିଲା ସମାଜ ମଙ୍ଗଳ ବିଭାଗ କାର୍ଯ୍ୟାଳୟରେ ପୂର୍ବାହ୍ଣ ୧୧ଟାରୁ ପ୍ରାୟ ଦେଢ଼ ଘଣ୍ଟା ଧରି ସଂପୃକ୍ତ ମହିଳା କର୍ମଚାରୀଙ୍କ ବୟାନ ରେକର୍ଡ ହୋଇଥିଲା । ସେହିପରି ପୀଡିତାଙ୍କ ପକ୍ଷରୁ ଦିଆଯାଇଥିବା ଅଡିଓ ଭିଡିଓ ସିଡି ଓ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ ହୋଇଥିଲା ବୋଲି କମିଟି ଅଧ୍ୟକ୍ଷା ଆଇନଜୀବୀ ତମସା ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି କମିଟିରେ କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ଜିଲା ସାମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ସେହିପରି ଏହି ମାମଲାକୁ ନେଇ ଓଡିଶା ଜନସେବା ସଂଗଠନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଛି । ରାଜ୍ୟ ସଭାପତି ଶୋଭନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପୀଡିତାଙ୍କୁ ତୁରନ୍ତ ନ୍ୟାୟ ମିଳିବା ଦାବି କରି ସଂଗଠନର ସଦସ୍ୟମାନେ ଆନ୍ଦୋଳନ କରିଥିଲେ । ଏଥିସହିତ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଆନ୍ଦୋଳନରେ ରଶ୍ମି ରଞ୍ଜନ ସ୍ୱାଇଁ, ବିକାଶ ଚନ୍ଦ୍ର ସ୍ୱାଇଁ, ଚନ୍ଦନ କୁମାର ସାହୁ, ମନୋଜ କୁମାର ନାୟକ, ନଳିନୀକାନ୍ତ ବେହେରା, ଉମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ସାମିଲ ହୋଇଥିଲେ । ସୂଚନାଯୋଗ୍ୟଯେ, ମହିଳା କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ ସଭାପତି ସାହୁ ତାଙ୍କୁ ଅସଦାଚରଣ କରିଛନ୍ତି । ଅପରପକ୍ଷରେ ସଂପୃକ୍ତା କର୍ମଚାରୀଙ୍କ ବଦଳିକୁ ନେଇ ଏହି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କୋ ଅପରେଟିଭ ସୋସାଇଟି ସହ ସମ୍ପାଦକ ଅରବିନ୍ଦ ସାହୁ ମତ ଦେଇଛନ୍ତି ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ମାଡ଼

**ରାଜକନିକା,୨।୧୧(ଡି.ଏନ୍.ଏ.)**

ରାଜ୍ୟ ସରକାର ରୋଗୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ୫–ଟି ଲାଗୁ କରିଥିବା ବେଳେ ରୋଗୀମାନେ ଚିକିତ୍ସା ହେବାକୁ ଆସି ସିକ୍ୟୁରିଟି ଗାର୍ଡ ପାଖରୁ ମାଡ଼ ଖାଉଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲାର ରାଜକନିକା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ସୋମବାର ଏଭଳି ଘଟଣା ଘଟିଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସିତ ହେବାକୁ ଆସିଥିବା ଜଣେ ରୋଗୀ ବହିର୍ବିଭାଗର ଟିକେଟ କରି ମଧ୍ୟ ଡାକ୍ତର ଦେଖା କରି ପାରି ନଥିବା ବେଳେ ସିକ୍ୟୁରିଟି ଗାର୍ଡଙ୍କ ପାଖରୁ ମାଡ଼ ଖାଇଛନ୍ତି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଘଟଣା ଆପୋସ ବୁଝାମଣାରେ ସମାଧାନ ହୋଇଯାଇଥିବା ସୂଚନା ମିଳିଛି। ପୂର୍ବାହ୍ଣ ୧୧ଟା ବେଳେ ଦେଉଳସାହି ଗାଁର ବଳରାମ ନାୟକ ଝାଡା ରୋଗରେ ପୀଡ଼ିତ ହୋଇ ଚିକିତ୍ସା ନିମନ୍ତେ ଜଣେ ସମ୍ପର୍କୀୟଙ୍କ ସହ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସେଠାରେ ବହିର୍ବିଭାଗରେ ଟିକେଟ କରି ଡାକ୍ତରଙ୍କ ସମ୍ମୁଖରେ ଥିବା ସିକ୍ୟୁରିଟିଗାର୍ଡଙ୍କୁ ଦେଇ ଅପେକ୍ଷା କରିଥିଲେ। ଡାକ୍ତର ରୋଗୀମାନଙ୍କ ଚିକିତ୍ସା କରି କକ୍ଷ ଛାଡି ଚାଲିଯାଇଥିଲେ ମଧ୍ୟ ନାୟକଙ୍କୁ ଡାକି ନଥିଲେ। ଏନେଇ ନାୟକ ଓ ତାଙ୍କ ସମ୍ପର୍କୀୟ ପଚାରିବାରୁ ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡ ସେମାନଙ୍କୁ ମାଡ଼ ମାରିଥିଲେ। ଫଳରେ ସେମାନେ ଅସନ୍ତୋଷ ପ୍ରକାଶ କରି ଘରକୁ ଫେରିଥିବା ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦାୟିତ୍ୱରେ ଥିବା ଡାକ୍ତର କହିଛନ୍ତି, ଚିକିତ୍ସାକେନ୍ଦ୍ରରେ ୨୨୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଭିଡ଼ ଥିଲା। ଏଥିଯୋଗୁ ଭୁଲବଶତଃ ନାୟକଙ୍କ ନାମକୁ ଡକାଯାଇପାରି ନଥିଲା। ଏହି ଘଟଣା ଆପୋସ ବୁଝାମଣାରେ ସମାଧାନ ହୋଇଯାଇଛି ବୋଲି ସେ କହିଥିଲେ। ଅପରପକ୍ଷେ ଦୀର୍ଘ ୭ ଦିନ ହେବ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ଆସୁ ନ ଥିବାରୁ ଶନିବାର ଅଧିକ ଭିଡ଼ ହୋଇଥିବା ଲୋକେ କହିଛନ୍ତି।

■୬୮ତମ ଜିଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ

# ଗୋମାତାର ସୁରକ୍ଷା ପାଇଁ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ

**ରାଜନଗର,୨।୧୧(ଡି.ଏନ.ଏ.)**

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବଡପଲ୍ଲୀ ହାଇସ୍କୁଲ ପଡିଆଠାରେ ୬୮ତମ ଜିଲାସ୍ତରୀୟ ଗୋ–ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସେ କହିଥିଲେ ଯେ, ଗୋମାତାର ସୁରକ୍ଷା, ସଂରକ୍ଷଣ କ୍ଷେତ୍ରରେ ସମାଜର ପ୍ରତିଟି ସ୍ତରରୁ ଉଦ୍ୟମ ଜାରି ରହିଲେ ଅବକ୍ଷୟର ଦ୍ୱାରଦେଶରେ ପହଞ୍ଚି ଥିବା ଗୋମାତାଙ୍କ ବଂଶବୃଦ୍ଧି ହେବା ସହିତ ଆମର ଅର୍ଥନୈତିକ ବିକାଶରେ ଏହା ସହାୟକ ହେବ । ଗୋମାତାକୁ ଆମେ ସେବା ଦେଉନୁ ବରଂ ପ୍ରକୃତିର ନିୟମ ଅନୁଯାୟୀ ଗୋମାତା ମଣିଷର ସେବାରେ ନିଜକୁ ଯୁଗ ଯୁଗ ଧରି ସମର୍ପଣ କରିଆସିଛି। ମୁଖ୍ୟବକ୍ତା ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ କହିଥିଲେ ଯେ, ବୈଦିକ ଯୁଗରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଗୋମାତାକୁ ଆମର ଦ୍ୱିତୀୟ ମାଆ ରୂପେ ପୂଜା କରିଆସୁଛୁ। ଆମ ସାମାଜିକ ଚଳଣୀରେ ଗୋମାତାର ଅତୁଳନୀୟ ଅବଦାନ ରହିଥିବା ବେଳେ ଆଜିର ଅର୍ଥସର୍ବସ୍ୱ ମଣିଷ ଗୋମାତାର ସୁରକ୍ଷା ପ୍ରତି ଧ୍ୟାନ ନ ଦେବା ଆମ ପାଇଁ ବିଡମ୍ବନା ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ମାନସ କୁମାର ପରିଡା, ବିଡିଓ ମନ୍ଦରଧର ମହାଳିକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଏମପିଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର ସେଠୀ, ସବିତା ସେଠୀ, କୋଇଲିପୁର ସରପଞ୍ଚ ରଶ୍ମିତା ପଡିହାରୀ, ସମିତି ସଭ୍ୟ ପୂର୍ଣ୍ଣିମା ପ୍ରଧାନ, ପ୍ରକୃତି ବନ୍ଧୁ ଭି. ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗୋପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦୀପ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ଅଜାମ୍ବର ଜେନା, ବିଭୂତି ପରିଡା, ମଙ୍ଗୁଳି ପ୍ରଧାନ, ହୃଷିକେଶ ରାଉତ, ଶୈଳେନ୍ଦ୍ର ବଳ, ନିରଞ୍ଜନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜନଗର ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ବିଧାୟକ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ଆଶିଷ କୁମାର ସେନାପତି, ଡା. ପ୍ରଭାକର ସାହୁ, ରାଜନଗର ପ୍ରାଣୀ ଚିକିତ୍ସାଧିକାରୀ ଡା. ପତିତ ପାବନ ବଳ, ସହ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦେବୀ ପ୍ରସାଦ କୁଣ୍ଡ, ଡା. ପ୍ରକାଶ ଚନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।


ମୁଖ୍ୟଅତିଥି ଶଶିଭୂଷଣ ବେହେରା ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ନଭେମ୍ବର ୩/୨୦୧୯ Bhubaneswar, Sunday, November 3/ 2019

## ସଂକ୍ଷେପରେ

### ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**କୁଜଙ୍ଗ,୨।୧୧(ସ୍ୱ.ପ୍ର.):** କାନାରା ବ୍ୟାଙ୍କ ରାହାମା ଶାଖା ଆନୁକୂଲ୍ୟରେ ପଙ୍କପାଳସ୍ଥିତ ସେଣ୍ଟ୍ ଜାଭିୟର ହାଇସ୍କୁଲ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କୁଜଙ୍ଗ ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି, ବିଇଓ ସୁଦର୍ଶନ ନନ୍ଦ ମୁଖ୍ୟବକ୍ତା, ଶ୍ରମିକ ନେତା ସୁଧାକର ମନ୍ତ୍ରୀ, ଶିକ୍ଷାବିତ୍ ବାନାମ୍ବର ଶତପଥୀ, ପଙ୍କପାଳ ସିଆର୍‌ସିସି ରାଜେନ୍ଦ୍ର ପ୍ରସାଦ ବାରିକ, ନବୋଦୟ ବିଦ୍ୟାଳୟର ହିନ୍ଦୀ ଅଧାପକ ସୀମାଞ୍ଚଳ ଗୌଡ, ସଙ୍ଗୀତ ଅଧାପକ ପୃଥୀରାଜ ପଣ୍ଡା, ବିଭୂତି ଭୂଷଣ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଦୁର୍ନୀତି ନିବାରଣ ସଂକଳ୍ପକୁ ପ୍ରଶଂସା କରିଥିଲେ। କାନାରା ବ୍ୟାଙ୍କ୍ ରାହାମା ଶାଖା ପ୍ରବନ୍ଧକ ଶାନ୍ତନୁ କୁମାର ମହାନ୍ତି, ସହଯୋଗୀ ସୋନିକା ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକ୍ରମ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇଥିଲା। ବିଚାରକ ରୂପେ ଶିକ୍ଷକ ବିନୋଦ ମୁଦୁଲି, ଅଭୟ ସାହୁ, ତାରକାନାଥ ହୋତା ପ୍ରମୁଖ ଯୋଗ ଦେଇଥିଲେ। ପରେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା।

### ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**କୁଜଙ୍ଗ,୨।୧୧(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ପଙ୍କପାଳ ହାଇସ୍କୁଲ ଖେଳପଡ଼ିଆରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମୂହର ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଛି। ସଙ୍କୁଳ ପ୍ରମୁଖ ତଥା ପାରାଦୀପ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ପଙ୍କପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କଳ୍ପତରୁ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବାଲିତୁଠ ଶିଶୁମନ୍ଦିର ସମ୍ପାଦକ ଗୌରାଙ୍ଗ ଚରଣ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡ଼ା ହେଉଛି ଶିକ୍ଷାର ଏକ ଅଙ୍ଗ ବୋଲି କହିଥିଲେ। ପଙ୍କପାଳ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗ ଶାରିରୀକ ପ୍ରମୁଖ ପ୍ରଦୀପ୍ତ ନାୟକ, ସଙ୍କୁଳ ଶାରିରୀକ ପ୍ରମୁଖ ଦେବନାରାୟଣ ସେଠୀ, ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ, ଅଲୀଳ ବେହେରା ଓ ପ୍ରଭଞ୍ଜନ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ୭ ଶିଶୁ ମନ୍ଦିରର ୮୫ ବିଦ୍ୟାର୍ଥୀ ଭାଗ ନେଇଥିଲେ। ସେମାନଙ୍କ ମଧରୁ ୩୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଜଟଣୀରେ ହେବାକୁ ଥିବା ସମ୍ଭାଗସ୍ତରୀୟ ପ୍ରତିଯୋଗିତାକୁ ମନୋନିତ ହୋଇଛନ୍ତି।

### ଭୁଶୁଡ଼ିଲା ନଦୀକୁଣ୍ଡା ପୋଲ ବାଡ଼ା

**ବାଙ୍କୀ,୨।୧୧(ସ୍ୱ.ପ୍ର.):** ବାଙ୍କୀ-ଭୁବନେଶ୍ୱର ରାସ୍ତାର ପେଟ୍ରୋଲ ପମ୍ପ୍ ଓ ଦମକଳ କାର୍ଯ୍ୟାଳୟ ମଧସ୍ଥ ଢୁଢୁଆ ନଦୀରେ ଅବସ୍ଥିତ ନଦୀକୁଣ୍ଡା ପୋଲର ବାମ ପାର୍ଶ୍ୱ ବାଡ଼ା ଶୁକ୍ରବାର ରାତିରେ ଭୁଶୁଡ଼ି ପଡିଛି। ପୋଲର ପଥର ଖଣ୍ଡମାନ ପାଣି ଭିତରେ ଗଳିପଡିଛି। ଶନିବାର ପ୍ରତ୍ୟୁଷରେ ଜନସାଧାରଣ ଏହା ଦେଖି ଆତଙ୍କିତ ହୋଇ ପଡ଼ିଛନ୍ତି। ବ୍ରିଟିଶ ଅମଳରୁ ନିର୍ମିତ ଏହି ପୋଲଟି ଦୀର୍ଘ ଦିନ ହେଲା ଦୁର୍ବଳ ଅବସ୍ଥାରେ ଥିଲା। ଏ ସମ୍ପର୍କରେ ବାରମ୍ବାର ଗଣମାଧମରେ ଖବର ପ୍ରକାଶ ପାଇବା ପରେ ମଧ ବାଙ୍କୀ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ପୋଲର ଅବସ୍ଥା ମଧ ଅନୁରୂପ। କେତେବେଳେ ଯେ ପୋଲ ଭୁଶୁଡ଼ି ପଡ଼ିବ ତାହା କହି ହେବନାହିଁ। ଏହା ସହିତ ପେଟ୍ରୋଲ ପମ୍ପଠାରୁ ତୁଳସୀପୁର ପର୍ଯ୍ୟନ୍ତ ରାସ୍ତା ଖାଲ ଖମାରେ ପରିଣତ ହେବାରୁ ଯାନବାହାନ ଚଳାଚଳ ସମ୍ଭବ ହେଉନାହିଁ। ପ୍ରତିବର୍ଷ ଏହିରାସ୍ତା ମରାମତି ନାମରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚକରାଯାଇ ବରବାଦ କରାଯାଉଛି। ରାସ୍ତାଟି ବାଙ୍କୀବାସୀଙ୍କ ଜୀବନ ରେଖା ହୋଇଥିବାରୁ ପୋଲ ମରାମତିର ତୁରନ୍ତ ଆବଶ୍ୟକ ହୋଇପଡିଛି। ଏସମ୍ପର୍କରେ କଟକ ଡିଭିଜନ ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁଧୀର ଚରଣ ପଣ୍ଡା ଏବଂ ବାଙ୍କୀ ଉପଖଣ୍ଡ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେମାନେ ତୁରନ୍ତ ପରିସ୍ଥିତିକୁ ଅନୁଧ୍ୟାନ କରି ବିହିତ ବ୍ୟବସ୍ଥା ଗ୍ରହଣ କରିବେ ବୋଲି କହଛନ୍ତି।

## କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆୟୋଜନ ବିବାଦ

# ଟେଣ୍ଡର ଖୋଲିବା ପରେ ବଢ଼ିଲା ଅଡୁଆ

**ପାରାଦୀପ,୨।୧୧(ସ୍ୱ.ପ୍ର.)**

କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆୟୋଜନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଦିନକୁ ଦିନ ଅଧିକ ଜଟିଳ ହେବାରେ ଲାଗିଛି। ଟେଣ୍ଡର ଖୋଲିବା ପୂର୍ବରୁ ବାଲିଯାତ୍ରା ପାଇଁ ଟେଷ୍ଟ ନିର୍ମାଣ କରାଯିବା ପ୍ରସଙ୍ଗକୁ ନେଇ ଭାଜପା ପକ୍ଷରୁ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଗଣଧାରଣା ଶନିବାର ମଧ ଜାରି ରହିଛି। ଗୋଟିଏ ପଟେ ଧାରଣା ଜାରି ରହିଥିବାବେଳେ ଅନ୍ୟପଟେ ଅପରାହ୍ନରେ ଟେଣ୍ଡର ଖୋଲାଯାଇଥିଲା। ତେବେ ଉକ୍ତ ଟେଣ୍ଡର ବାକ୍ସରେ ମାତ୍ର ଗୋଟିଏ ଫାର୍ମ ଆବେଦନ କରିଥିବା ଜଣାପଡ଼ିବା ପରେ ବିବାଦ ଆହୁରି ଜଟିଳ ରୂପ ନେଇଛି। କାରଣ ଗତ ୧୫ ଦିନ ତଳୁ ବାଲିଯାତ୍ରା ପଡ଼ିଆରେ ଯେଉଁ ଫାର୍ମ ଟେଷ୍ଟ ନିର୍ମାଣ କାର୍ଯ୍ୟ ଚଳାଇଛି, ସେହି ଫାର୍ମ ହିଁ ଏକମାତ୍ର ଆବେଦନକାରୀ ଭାବେ ଟେଣ୍ଡର ପକାଇଥିବା ଅଭିଯୋଗ ହେଉଛି।

ଏହି ଟେଣ୍ଡର ଖୋଲାଯିବାବେଳେ ଏଡିଏମ୍ କାହ୍ନୁଚରଣ ଧିର, ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ ଚନ୍ଦ୍ର ଏକ୍କା, ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ


ଦ୍ୱିତୀୟ ଦିନ ଧାରଣାରେ ବସି ରହିଥିବା ଭାଜପା ନେତା ଓ କର୍ମୀ।

ଥିଲେ। ସମଗ୍ର ଟେଣ୍ଡର ଖୋଲିବା ପ୍ରକ୍ରିୟା ଭିଡିଓ ଦ୍ୱାରା ରେକର୍ଡ କରାଯାଇଥିଲା। ଟେଷ୍ଟ ନିର୍ମାଣ ପାଇଁ ଗୋଟିଏ ମାତ୍ର ଫାର୍ମ ଆବେଦନ କରିଥିବାରୁ ତାହା ରଦ୍ଦ କରାଗଲା ବୋଲି ନିର୍ବାହୀ ଅଧିକାରୀ ମହାନ୍ତି କହିଛନ୍ତି। ଏବେ ବାଲିଯାତ୍ରା ଟେଷ୍ଟ ନିର୍ମାଣ ପାଇଁ ପୁଣି କି ବ୍ୟବସ୍ଥା କରାଯିବ ବୋଲି ଅଧିକାରୀମାନେ ରାତି ପର୍ଯ୍ୟନ୍ତ ବିଚାର ବିମର୍ଷ ଚଳାଇଛନ୍ତି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗକୁ ନେଇ ଭାଜପା ପକ୍ଷରୁ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଜିଲା ଭାଜପା ଉପସଭାପତି ଅଜିତ କୁମାର ଦାଶ ଓ ଅନ୍ୟ କର୍ମକର୍ତ୍ତା ନିରଞ୍ଜନ ସ୍ୱାଇଁ, ଶୈଳେନ୍ଦୁ ଶତପଥୀ, ବନିତା ରାଉତ ପ୍ରମୁଖଙ୍କ

- ଭାଜପାର ଗଣଧାରଣା ଜାରି, ଥାନାରେ ଅଭିଯୋଗ
- ବାକ୍ସରେ ଗୋଟିଏ ଆବେଦନପତ୍ର, ଟେଣ୍ଡର ବାତିଲ

ଦସ୍ତଖତ ସମ୍ବଳିତ ଏହି ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଯେଉଁ ଟେଣ୍ଡର ଆହ୍ୱାନ କରାଯାଇ ଗଣମାଧମରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା ତାହାର ଖୋଲିବା ତାରିଖ ନଭେମ୍ବର ୨ ତାରିଖ ଥିଲା। କିନ୍ତୁ ଏହା ପୂର୍ବରୁ ବାଲିଯାତ୍ରା ପଡ଼ିଆରେ ଟେଷ୍ଟ ନିର୍ମାଣ କାମ କିପରି ଚାଲିଥିଲା। ଏଭଳି ଅନିୟମିତତା ବିରୋଧରେ ଭାଜପା ପକ୍ଷରୁ ଶୁକ୍ରବାରଠାରୁ ଗଣଧାରଣା ଚାଲିଥିବାବେଳେ ଶନିବାର ଟେଣ୍ଡର ଖୋଲାଯାଇଛି। ଏଥିପାଇଁ ପୌର ନିର୍ବାହୀ ଅଧିକାରୀ ତଥା ବାଲିଯାତ୍ରା କମିଟିର ସମ୍ପାଦକ ଦିଲୀପ କୁମାର ମହାନ୍ତି ଓ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଏଥିରେ ଦାବି କରାଯାଇଛି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ମହାନ୍ତି କହିଛନ୍ତି ଯେ, ସମ୍ପୂର୍ଣ୍ଣ ଆଇନଗତ ଭାବେ ଟେଣ୍ଡର ହୋଇଛି। ଟେଷ୍ଟ ନିର୍ମାଣ ସମ୍ପର୍କରେ ସେ କହିଛନ୍ତି ଯେ, ସେଠାରେ କିଏ କ'ଣ କରିଛି ତାହା ଜାଣିନାହାନ୍ତି। ପରବର୍ତ୍ତୀ ନିଷ୍ପତ୍ତି ବାଲିଯାତ୍ରା କମିଟି ନେବ ବୋଲି ସେ କହିଛନ୍ତି। ଭାଜପା ନେତା ସମ୍ପଦ ସ୍ୱାଇଁ କହିଛନ୍ତି ଯେ, ବାଲିଯାତ୍ରା ଆୟୋଜନରେ ଚାଲିଥିବା ଦୁର୍ନୀତି ଓ ପୌର ପାଳିକାର ଦୁର୍ନୀତି ସମ୍ପର୍କରେ ଦଳର ଶତାଧିକ କର୍ମୀ ଏବେ ସୁଦ୍ଧା ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଛନ୍ତି। ଏହା ଜାରି ରହିବ। ରବିବାର ଏ ସମ୍ପର୍କରେ ଡାକବାଜି ଯନ୍ତ୍ର ଯୋଗେ ସମଗ୍ର ପାରାଦୀପ ନିର୍ବାଚନମଣ୍ଡଳୀର ଲୋକଙ୍କୁ ଅବଗତ କରାଯିବ। ସୋମବାର ଦଳର ରାଜ୍ୟ ନେତୃତ୍ୱମାନେ ଆସି ଆନ୍ଦୋଳନରେ ସାମିଲ ହେବାର ପ୍ରସ୍ତାବ ରହିଛି। ସେଦିନ ଆନ୍ଦୋଳନ ଯେ କୌଣସି ରୂପ ନେଇପାରେ। ଦରକାର ହେଲେ ଅଫିସରେ ତାଲା ପକାଯିବ ବୋଲି ସେ କହିଛନ୍ତି। ଅନ୍ୟତମ ଭାଜପା ନେତା ବିଭୂ ପ୍ରସାଦ ତରାଇ କହିଛନ୍ତି ଯେ, ବାଲିଯାତ୍ରାକୁ ଏବେ ଶାସକ ଦଳ ବିଜୁ ଜନତା ଦଳର ଯାତ୍ରା କରିସାରିଲାଣି। ମନଇଚ୍ଛା ଅର୍ଥ ଆଦାୟ ଓ ହରିଲୁଟ୍ ଚାଲିଛି। ପାଟି ବନ୍ଦ ସମୟ ଚାଲିଯାଇଛି। ଏବେ ହିସାବ ମାଗିବାର ବେଳ ଆସିଛି। ଆଉ କେତେକ ଭାଜପା ନେତା ଏଭଳି ଦୁର୍ନୀତିକୁ ନେଇ ବ୍ୟକ୍ତିଗତ ଟିପ୍ପଣୀ ମଧ ଦେଇଥିଲେ। ଏହି ପ୍ରସଙ୍ଗ ଏବେ ପାରାଦୀପରେ ଆଲୋଚନାର ବିଷୟ ହୋଇଛି।

### ରାସ୍ତା ନିର୍ମାଣକୁ ନେଇ ଉତ୍ତେଜନା

**ରାହାମା,୨।୧୧(ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ତାଳପଡ଼ା ଗ୍ରାମରେ ଏକ ବ୍ୟକ୍ତିଗତ ଜାଗାରେ ରାସ୍ତା ନିର୍ମାଣକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ମୌଜାର ଖାତା ନଂ -୧୮୩, ପ୍ଲଟ ନଂ-୮୯୩ ରେ କାଳନ୍ଦୀ ଖଟୁଆ, ନିରଞ୍ଜନ ଖଟୁଆ ପ୍ରମୁଖ ଘର ନିର୍ମାଣ କରି ବାପଅଜାଙ୍କ ଅମଳରୁ ରହି ଆସୁଛନ୍ତି। ତେବେ ଏହି ଘରବାଡ଼ି ଜାଗାରେ କୁଜଙ୍ଗ ବ୍ଲକ ପକ୍ଷରୁ ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ଏକ ଢଳେଇ ରାସ୍ତା ନିର୍ମାଣ ହୋଇଛି। ଫଳରେ କାଳନ୍ଦୀ ଓ ନିରଞ୍ଜନଙ୍କ ଘର କାନ୍ଥ, ପିଣ୍ଡା ଭାଙ୍ଗି ଦିଆଯାଇଛି। ଏହାର ପ୍ରତିବାଦ କରିବାରୁ ସେହି ଗ୍ରାମର କିଛି ବ୍ୟକ୍ତି କାଳନ୍ଦୀ ଓ ନିରଞ୍ଜନଙ୍କୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା। ତେବେ ରାଜନୈତିକ ଚାପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ନିରଞ୍ଜନ ଓ କାଳିଆ ଜଗତ୍‌ସିଂହପୁର ସିଭିଲ୍ କୋର୍ଟରେ ମାମଲା ଦାଏର କରିଥିଲେ। ଅଦାଲତ ବିଚାର ନ ସରିବା ପର୍ଯ୍ୟନ୍ତ ଉକ୍ତ ବିବାଦୀୟ ସ୍ଥାନରେ ରାସ୍ତା ନିର୍ମାଣ ନ କରିବା ପାଇଁ ଆଦେଶ ଦେଇଥିଲେ। ଏହା ସତ୍ତ୍ୱେ ଅଦାଲତ ଆଦେଶକୁ ଅବମାନନା କରାଯାଇଥିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି।

## ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ଯିବାକୁ ଅକ୍ଷମ ବୃଦ୍ଧା

# ୩ ମାସ ହେଲା ମିଳୁନି ଭତ୍ତା

**ନାଉଗାଁ,୨।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ବଛାଲୋ ପଞ୍ଚାୟତ ବ୍ରାହ୍ମଣୀ ଗ୍ରାମର ଭାନୁମତି ଦେଇ। ସ୍ୱାମୀ ହରେକୃଷ୍ଣ ଲେଙ୍କାଙ୍କ ଦେହାନ୍ତ ହୋଇସାରିଛି। ଏକମାତ୍ର ପୁଅ ତାଙ୍କୁ ଛାଡ଼ି ବାହାରେ ରହୁଛନ୍ତି। ତେଣୁ ଭାନୁମତି ଅସହାୟ ଭାବେ ଏକାକି ଜୀବନ ବିତାଉଛନ୍ତି। ଏଭଳି ସ୍ଥିତିରେ ସରକାରୀ ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ମୁଠାକ ହିଁ ତାଙ୍କର ଭରସା। ରହିବା ପାଇଁ ଘର ଖଣ୍ଡେ ନାହିଁ। ଛାଟିମାଟି ଘରଟି କେତେବେଳେ ଯେ ଭୁଶୁଡ଼ି ପଡ଼ିବ କହିହେବ ନାହିଁ। କିନ୍ତୁ ସରକାରୀ ଯୋଜନାରେ ତାଙ୍କୁ ଅଦ୍ୟାବଧି ପକ୍କାଘର ଖଣ୍ଡେ ମିଳିପାରିନାହିଁ। ବ୍ଲକ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟକୁ ସେ ଯାଇପାରୁନାହାନ୍ତି। ଗାଁଟି ନଦୀକୂଳିଆ ହୋଇଥିବାରୁ ବର୍ଷା ଦିନେ ବନ୍ୟା ଭୟ ରହୁଛି। ଅର୍ଥାଭାବରୁ ଘର ଖଣ୍ଡିକ ଛପର କରିପାରୁ ନ ଥିବାରୁ ଲଗାଣ ବର୍ଷା ସମୟରେ ମଧ ଏହି ଛାଟିମାଟି ଘରେ ରହିବାକୁ ଡର ଲାଗୁଛି ବୋଲି କୁହନ୍ତି ଭାନୁମତି। ତେବେ ଭତ୍ତା ଟଙ୍କାରେ କୌଣସି ପ୍ରକାରେ ସେ ଚଳିଯାଉଥିବାବେଳେ ଏବେ ୩ ମାସ


ଭାନୁମତି ଦେଇ।

ହେଲା ତାହା ମଧ ମିଳୁନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସେ ଯିବାକୁ ଅକ୍ଷମତା ପ୍ରକାଶ କରୁଥିବାବେଳେ କୌଣସି ପଞ୍ଚାୟତ ପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀ ଭତ୍ତା ଟଙ୍କା ପ୍ରଦାନ ପାଇଁ ତାଙ୍କ ପାଖକୁ ଆସୁନାହାନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରସନ୍ନ ପରିଡ଼ା କହିଛନ୍ତି ଯେ, ବର୍ଷା ଯୋଗୁ ଉକ୍ତ ଗ୍ରାମକୁ ଭତ୍ତା ପ୍ରଦାନ କରିବାକୁ ଯାଉ ନ ଥିଲୁ। ସେହିପରି ଅନ୍ୟାନ୍ୟ ତାଲିମ କାର୍ଯ୍ୟକ୍ରମ ଚାଲିଥିବାରୁ ପଞ୍ଚାୟତକୁ ଆସି ନ ଥିବା କେତେଜଣ ହିତାଧିକାରୀଙ୍କୁ ଭତ୍ତା ଦିଆଯାଇ ପାରିନାହିଁ। ଦିନେ ଦୁଇ ଦିନ ଭିତରେ ଉକ୍ତ ଗ୍ରାମକୁ ଯାଇ ସେ ଭତ୍ତା ପ୍ରଦାନ କରିଆସିବେ ବୋଲି କହିଛନ୍ତି।

### ବ୍ଲକସ୍ତରୀୟ ଚାଷୀ ମୂଲିଆ ସମ୍ମିଳନୀ

**ନାଉଗାଁ,୨।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ତିହୁଡ଼ାଠାରେ ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ ନେତୃତ୍ୱରେ ଶନିବାର ବ୍ଲକସ୍ତରୀୟ ଚାଷୀ ମୂଲିଆ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମହେଶ୍ୱର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ କମିଟି ଉପସଭାପତି ସଦାଶିବ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ୧୦ ଦଫା ଦାବି ଉପରେ ଆଲୋଚନା କରାଯାଇଥିଲା। ସମସ୍ତ ଚାଷଜମିକୁ ଜଳସେଚନ ସୁବିଧା, ଭାଗ ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ପରିଚୟ ପ୍ରଦାନ, ଚାଷୀ ଉତ୍ପାଦିତ ପଦାର୍ଥର ଉଚିତ ଦାମ, ନାଉଗାଁ, ଅଲଣାହାଟ, ଡେରିକି ସରକାରୀ ଉଦ୍ୟୋଗରେ ଶୀତଳ ଭଣ୍ଡାର ନିର୍ମାଣ, ଶିଖରଘାଟ-ବାଲିଭଉଁରୀ ଓ ବ୍ଲକ ଅଫିସରୁ ତହସିଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀ ଚୟନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସୁବାସ ସ୍ୱାଇଁ, ସୁରେଶ ବେହୁରା, ନବ କିଶୋର ମହାନ୍ତି, ଅଜିତ କାଣ୍ଡି, ଆର୍ତ୍ତ ଦାସ, ନାରାୟଣ ମହାରଣା, ରଘୁନାଥ ଦାସ, ନିରଞ୍ଜନ ନାୟକ, କାଳନ୍ଦୀ ସେଠୀ ଓ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ମହୋଦଧି ଯାତ୍ରାରେ ସାମିଲ ହୋଇଥିବା ସଂକୀର୍ତ୍ତନ ମଣ୍ଡଳୀ।

# ସଂକୀର୍ତ୍ତନ ମହାମଣ୍ଡଳର ମହୋଦଧି ଯାତ୍ରା

**ବାଲିକୁଦା,୨।୧୧(ସ୍ୱ.ପ୍ର.)**

ନାମଯଜ୍ଞ ସଂସ୍କାର ସମିତି ସଂକୀର୍ତ୍ତନ ମହାମଣ୍ଡଳର ଜନ୍ମୋତ୍ସବ ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ମହୋଦଧି ଯାତ୍ରା ଅନୁଷ୍ଠିତ ହୋଇଛି। ମହାମଣ୍ଡଳର ସ୍ଥାୟୀ କାର୍ଯ୍ୟାଳୟ କୁଳିଆଗାଁ ସ୍ଥିତ ଗୌରବିହାର ପରିସରରୁ ସଂକୀର୍ତ୍ତନ ଦଳ ଶୋଭାଯାତ୍ରାରେ ଯାଇ ଏରସମା ବ୍ଲକ ପଦ୍ମପୁର ପଞ୍ଚାୟତର ସରବନ୍ତ ବଳଦେବଜୀଉ ମନ୍ଦିରରେ ଠାକୁରଙ୍କ ଦର୍ଶନ କରିଥିଲେ। ପରେ ସଂକୀର୍ତ୍ତନ ପ୍ରେମୀମାନେ ସେଠାରୁ ନାମ ପରିବେଷଣ କରି ମହୋଦଧିରେ ପହଞ୍ଚିଥିଲେ। ସେଠାରେ ଆଳତୀ କରାଯିବା ସହିତ ସମୁଦ୍ର ଶାନ୍ତି ପାଇଁ ହୋମଯଜ୍ଞ କରାଯାଇଥିଲା। ଏଥିରେ ସମିତିର ସଭାପତି ମାଧବାନନ୍ଦ ଜେନା, ଉପସଭାପତି ବସନ୍ତ ପରିଡ଼ା, ସମ୍ପାଦକ ବସନ୍ତ ନାୟକ, ସହ ସମ୍ପାଦକ ପବିତ୍ର ମୋହନ ସାଉ, ପୂଜକ ସରୋଜ ପଣ୍ଡା, ରତ୍ନାକର ଦାଶ, ସଂଗଠନ ସମ୍ପାଦକ ବିଚିତ୍ରାନନ୍ଦ ସ୍ୱାଇଁ, ନଗେନ୍ଦ୍ର ବେହେରା, ବିଜୟ ପ୍ରଧାନ, ସହଯୋଗୀ ସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ, ଦିବାକର ମନ୍ତ୍ରୀ, ରମେଶ ଚନ୍ଦ୍ର ପୃଷ୍ଟି, ଚମ୍ପାବାଲି ମଠ ମହନ୍ତ ଗୌରାଙ୍ଗ ଦାସ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ୧୯୯୪ରୁ ମହାମଣ୍ଡଳ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ କରାଯାଉଛି। ଚଳିତବର୍ଷ ଏହା ୨୫ ବର୍ଷରେ ପଦାର୍ପଣ କରିଛି।

# ବଦଳିବ କୁଜଙ୍ଗର ଭିତ୍ତିଭୂମି, ୧୦ କୋଟିର ପ୍ରକଳ୍ପକୁ ଅପେକ୍ଷା

**କୁଜଙ୍ଗ,୨।୧୧(ସ୍ୱ.ପ୍ର.)**

ଦେଶର ଅନ୍ୟତମ ବୃହତ ବନ୍ଦର ପାରାଦୀପର ମୁଖଶାଳା ହେଉଛି କୁଜଙ୍ଗ। ଏଠାରେ ଥିବା ପ୍ରଶାସନିକ ଦପ୍ତର ଓ ବିଚାର ବିଭାଗ ଅଦାଲତ ଉପରେ ବନ୍ଦର ନଗରୀ ନିର୍ଭରଶୀଳ। ଉପକୂଳ ଅଞ୍ଚଳର ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ବିଚାରବୋଧରେ କୁଜଙ୍ଗ ଅଞ୍ଚଳର ଗୁରୁତ୍ୱ ରହିଛି। ତେବେ କୁଜଙ୍ଗ ଅଞ୍ଚଳରେ ଆଶାନୁରୂପ ଭିତ୍ତିଭୂମିର ବିକାଶ ହୋଇପାରିନାହିଁ। ଜଳ ନିଷ୍କାସନ ସମସ୍ୟା, ସ୍ୱାସ୍ଥ୍ୟସେବା ସମସ୍ୟା, ପରିମଳ ଓ ସୁଲଭ ଶୌଚାଳୟ ବ୍ୟବସ୍ଥା ଆଦି ନ ଥିବାରୁ ଅଞ୍ଚଳବାସୀଙ୍କ ମଧରେ ବିଦ୍ରୋହ ପ୍ରକାଶ ପାଇଛି। ଏନେଇ ସେମାନେ ବହୁବାର ଦାବି କରିସାରିଛନ୍ତି। ସେହି ଅନୁଯାୟୀ, ଗତ ୩ ମାସ ତଳେ ବିଧାୟକ ସମ୍ବିତ ରାଉତରାୟ କୁଜଙ୍ଗ ଗସ୍ତରେ ଆସି ଏସବୁ ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏ ସମ୍ପର୍କରେ ସେ କୁଜଙ୍ଗ ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ, ତହସିଲଦାର ରମେଶ ଚନ୍ଦ୍ର ପଣ୍ଡାଙ୍କ ସହ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକଙ୍କୁ ନେଇ ଆଲୋଚନା କରିଥିଲେ। ଏଥିରେ ବିଧାୟକ କୁଜଙ୍ଗ ବଜାରର ଉନ୍ନତି ପାଇଁ କ'ଣ ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ବଡିଓଙ୍କୁ କହିଥିଲେ। ପରେ ପ୍ରଶାସନ ପକ୍ଷରୁ ଏକ ଘରୋଇ ସଂସ୍ଥା ଦ୍ୱାରା ସର୍ଭେ କରାଯାଇଥିଲା। ଯୋଜନା ହୋଇଥିଲା ଯେ, କୁଜଙ୍ଗରେ ଏକ କଂକ୍ରିଟ୍ ଡ୍ରେନ୍ ନିର୍ମାଣ ପାଇଁ ୧ କୋଟି ୭୫ ଲକ୍ଷ, ରାସ୍ତା ଉନ୍ନତିକରଣ ପାଇଁ ୧ କୋଟି ୮୦ ଲକ୍ଷ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୫୦ ଲକ୍ଷ, ୨ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଓଭରହେଡ୍ ପାଣି ଟାଙ୍କି ପାଇଁ ୫୫ ଲକ୍ଷ, କଟକ-ପାରାଦୀପ ରାସ୍ତାରୁ ବିବି ହାଇସ୍କୁଲ ପର୍ଯ୍ୟନ୍ତ ତ୍ରିତଳ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୫ କୋଟି ବ୍ୟୟ ବରାଦ କରାଯିବ। ଏହି ୩ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସରେ ୧୮୮ଟି ଦୋକାନ ଗୃହ ଓ ୧୫ଟି ବିଭିନ୍ନ କାର୍ଯ୍ୟାଳୟ ରହିବ। ଏଥିସହ ବିଭିନ୍ନ ବ୍ୟାଙ୍କ, ରେଷ୍ଟୁରାଣ୍ଟ ପାଇଁ ଏଥିରେ ଗୃହ ରହିବ। ସୁଲଭ ଶୌଚାଳୟ ପାଇଁ ୩୦ ଲକ୍ଷ ଖର୍ଚ୍ଚ କରାଯିବାକୁ ଯୋଜନା ହୋଇଥିଲା। ଏହି ଯୋଜନା କେବେ ସଫଳ ରୂପାୟନ ନେବ ତାହାକୁ ସ୍ଥାନୀୟ ଲୋକେ ଚାହିଁ ରହିଛନ୍ତି।

# ପାଣି ପାଇଁ ଯିବାକୁ ପଡୁଛି ୩ କିମି

**କୁଜଙ୍ଗ,୨।୧୧(ସ୍ୱ.ପ୍ର.)**

କୌଣସି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ନୁହେଁ କି ପଶ୍ଚିମ ଓଡ଼ିଶାର ଉପାନ୍ତ ଅଞ୍ଚଳ ନୁହେଁ, ରାଜ୍ୟର ଉପକୂଳ ଅଞ୍ଚଳରେ ହିଁ ଲୋକେ ପାନୀୟଜଳ ପାଇଁ କିପରି ସଙ୍ଘର୍ଷ କରୁଛନ୍ତି ତାହା ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। କୁଜଙ୍ଗ ବ୍ଲକ ଗୋପିଆକୁଦ ପଞ୍ଚାୟତରେ ପାନୀୟ ଜଳ ସଂଗ୍ରହ କରିବା ଏବେ ଲୋକଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଏହି ପଞ୍ଚାୟତ ଅଧୀନ ବହୁ ଗ୍ରାମର ମହିଳମାନେ ପାଣି ପାଇଁ ଦୀର୍ଘ ୩ କିଲୋମିଟର କାଖରେ ଗରା ଧରି ଚାଲି ଚାଲି ଯାଉଛନ୍ତି। ଏ ସମ୍ପର୍କରେ ପାତନ ବେହେରା ନାମ୍ନୀ ଜଣେ ମହିଳା କହିଛନ୍ତି ଯେ, ଏତେ ଦୂର ଯାଇ ପାନୀୟଜଳ ସଂଗ୍ରହ କରିବା ତାଙ୍କର ନିତିଦିନିଆ କାମରେ ପରିଣତ ହୋଇଗଲାଣି। କେବଳ ପାତନ ନୁହନ୍ତି, ସୋନି ବେହେରା, ଶଶୀ ବେହେରା ପ୍ରମୁଖ ସମାନ କଥା କହିଛନ୍ତି। ଖରା, ବର୍ଷା ଓ ଶୀତଦିନେ ସେମାନେ ଗୋପିଆକୁଦଠାରୁ ସାଢେ ୩ କିମି ଦୂର ପନ୍ଦର ନମ୍ବର ପର୍ଯ୍ୟନ୍ତ ପାଣି ପାଇଁ ଯାଇଥାନ୍ତି। ଗୋଟିଏ ଗରା


ମହିଳାମାନେ ପାନୀୟ ଜଳ ନେଇ ଯାଉଛନ୍ତି।

ପାଣି ଏକ ପରିବାରର ସାରା ଦିନ ପାଇଁ ନିଅଣ୍ଟ ହେଉଛି। ତେଣୁ ଦିନକୁ ଦୁଇଥର ପାଣି ପାଇଁ ଯିବାକୁ ପଡୁଛି। କେବଳ ମହିଳାମାନେ ନୁହନ୍ତି, ଗ୍ରାମର ପୁରୁଷ ଓ ସ୍କୁଲ ପିଲାମାନେ ମଧ ସାଇକେଲ ନେଇ ପାଣି ପାଇଁ ଯାଇଥାନ୍ତି। ପାରାଦୀପ ଶିଳ୍ପାଞ୍ଚଳ ସଂଲଗ୍ନ କୁଜଙ୍ଗ ମୁଖ୍ୟାଳୟଠାରୁ ମାତ୍ର ୩ କିମି ଦୂର ଗ୍ରାମରେ ଯଦି ଏଭଳି ଅବସ୍ଥା, ତେବେ ଧୋଇଆ ଅଞ୍ଚଳ ଏବଂ କୋଠି ପଞ୍ଚାୟତ ଅଞ୍ଚଳରେ କିଭଳି ଅବସ୍ଥା ଥିବ ତାହା ସହଜେ ଅନୁମେୟ। ଏହି ବିଷୟରେ ସ୍ଥାନୀୟ ସରପଞ୍ଚ ନନ୍ଦନୀ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ଏହି ଅଞ୍ଚଳରେ ଭୂତଳଜଳ ଲୁଣି ହୋଇଥିବାରୁ ଏଭଳି ଅସୁବିଧା ହେଉଛି। ଏ ସମ୍ପର୍କରେ ସେ ଜିଲାପାଳ ଏବଂ

- ନଳକୂପରୁ ବାହାରୁଛି ଲୁଣି ପାଣି
- ପାନୀୟଜଳ ଚିନ୍ତାରେ ଗ୍ରାମବାସୀ

ଆରଡବ୍ଲ୍ୟୁଏସଏସ ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ। ଏହି ଅଞ୍ଚଳକୁ ଯେତିକି ଜଳ ଯୋଗାଣ କରାଯାଉଛି, ତାହା ପର୍ଯ୍ୟାପ୍ତ ହେଉନାହିଁ। ତେଣୁ ଆଉ ୨ଟି ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ସେ ବିଭାଗକୁ ନିବେଦନ କରିଛନ୍ତି। କେବଳ ଗୋପିଆକୁଦ ନୁହେଁ, କୁଜଙ୍ଗ ଅଞ୍ଚଳରେ ମଧ୍ୟ ପାନୀୟଜଳ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ପାଟପୁର ପଞ୍ଚାୟତର ବେତ୍ତୁଆଁ ପାନୀୟ ଜଳ ପ୍ରକଳ୍ପ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଏ ସମ୍ପର୍କରେ ବେତ୍ତୁଆଁ ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ସଚ୍ଚିଦାନନ୍ଦ ତ୍ରିପାଠୀ ଓ ପୂର୍ବତନ ସରପଞ୍ଚ ରସାନନ୍ଦ ଜେନା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା କହିଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା- ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।

- ଚାଣକ୍ୟ



## ସଂକ୍ଷେପରେ

### ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ହେଲା ଛନ୍ଦାମୁଣ୍ଡ

ବିଞ୍ଝାରପୁର/ସିଂହପୁର,୨।୧୧(ଡି.ଏନ.ଏ): ବହୁ ଦାବି ପରେ ବିଞ୍ଝାରପୁର ବ୍ଲକ ବାଙ୍ଗରା ପଞ୍ଚାୟତ ଛନ୍ଦାମୁଣ୍ଡ ଗ୍ରାମକୁ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମଭାବେ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଏହି ଘୋଷଣା ପରେ ସ୍ଥାନୀୟ ଅଞ୍ଚଳର ଲୋକେ ଆନନ୍ଦର ଲହରୀ ଖେଳିଯାଇଛି। ଏହି ଅବସରରେ ଶନିବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ଉତ୍ସବ ଛନ୍ଦାମୁଣ୍ଡ ଗୋପବନ୍ଧୁ ମନ୍ଦିର ପରିସରରେ ଭାରପ୍ରାପ୍ତ ତହସିଲଦାର ମିନତୀ ଜଗଦେବଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ନୂତନ ରାଜସ୍ୱ ମୌଜାର ଅଧିବାସୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ସରପଞ୍ଚ ଆଶାଲତା ନାୟକ, ସମିତିସଭ୍ୟା ମାନିନୀ ବିଶ୍ୱାଳ, ସୁଷମା ସେଠୀ, ଅକ୍ଷୟ ନାୟକ, ଅଜୟ ଖଣ୍ଡୁଆଳ, ଗୁରୁଚରଣ ଥାଟୋଇ ପ୍ରମୁଖ ଯୋଗ ଦେଇଥିଲେ।

### ଗୋଟିଏ ରାତିରେ ଏକାଧିକ ମନ୍ଦିରରୁ ଚୋରି

ବିଞ୍ଝାରପୁର,୨।୧୧(ଡି.ଏନ.ଏ): ବିଞ୍ଝାରପୁର ଥାନା ଶାସନ୍ଦା, ଚିକଣା, ଅରେଇ, ବରପଦା ଆଦି ପଞ୍ଚାୟତର ବିଭିନ୍ନ ମନ୍ଦିର ଓ ଘରୁ ଶୁକ୍ରବାର ରାତିରେ ବିଭିନ୍ନ ସାମଗ୍ରୀ ସହିତ ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିବା ବିଞ୍ଝାରପୁର ଥାନାରେ ଅଭିଯୋଗ ହୋଇଛି। ଶାସନ୍ଦା ପଞ୍ଚାୟତ ତାଉଁତରା ଛକସ୍ଥିତ ହନୁମାନ ମନ୍ଦିର, ଜଗନ୍ନାଥ ମନ୍ଦିରରୁ ତାଲା ଭାଙ୍ଗି ଲୁଟେରାମାନେ ବିଭିନ୍ନ ସାମଗ୍ରୀ ସହିତ ଟଙ୍କା ଲୁଟ କରିନେଇଥିଲେ। ସେହିପରି ଚିକଣା ଗ୍ରାପର ତଳବନ୍ଧ ଗ୍ରାମର ଜଣେ ମହିଳାଙ୍କ ବେକରୁ ଲୁଟେରାମାନେ ଚେନ ଲୁଟ୍ କରିଥିବା ଜଣାପଡିଛି। ସେହିପରି ଅରେଇ ପଞ୍ଚାୟତର ବଡପାଳ ଗ୍ରାମର ପରମହଂସ ମନ୍ଦିରରୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ବିଞ୍ଝାରପୁର ପୋଲିସ ସମସ୍ତ ଘଟଣାକୁ ତଦନ୍ତ କରିଥିଲେ ମଧ ଲୁଟେରାଙ୍କ ଟେର ପାଇ ପାରି ନ ଥିବା ଜଣାପଡିଛି।

### ୨ କାର ଦୁର୍ଘଟଣାଗ୍ରସ୍ତ, ବର୍ତ୍ତିଲେ ଦୁଇ ପରିବାର

ରସୁଲପୁର,୨।୧୧(ଡିଏନଏ): ରସୁଲପୁର ବ୍ଲକ ୧୬ନଂ ଜାତୀୟ ରାଜପଥର ବାରବାଟୀ ଦୁର୍ଗା ମନ୍ଦିର ନିକଟରେ ଶନିବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଉକ୍ତ ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ୨ଟି ପରିବାର। ଏକ କଳା କାର ୧୦ ଚକିଆ ଟ୍ରକକୁ ଓଭରଟେକ୍‌କୁ କରୁଥିବା ସମୟରେ ଟ୍ରକଟି କାର୍‌କୁ ସାଇଡ ମାରିବାରୁ କାରଟି ଡିଭାଇଡରରେ ପିଟି ହୋଇ ପଛରେ ଆସୁଥିବା ଏକ ଧଳା କାର୍‌କୁ ଧକ୍କା ଦେଇ ଓଲଟି ପଡିଥିଲା। ଘଟଣାସ୍ଥଳରେ କାର୍‌ରେ ଭଦ୍ରକ ଓ ଯାଜପୁର ଯାଉଥିବା ୭ଜଣ ବ୍ୟକ୍ତି ଓ ଏକ ଛୋଟ ପିଲା ଅଳ୍ପକେ ବର୍ତ୍ତି ଯାଇଥିଲେ। ଘଟଣାସ୍ଥଳରେ ଧର୍ମଶାଳା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବାରେ ସାହାଯ୍ୟ କରିଥିଲା।

## ■ ଓଡ଼ିଶା ଲୋକାୟୁକ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ

# ଜିଲା ପ୍ରଶାସନର ୬ ଅଧିକାରୀ ପକ୍ଷଭୁକ୍ତ

ଯାଜପୁର ଅଫିସ,୨।୧୧

ଯାଜପୁର ଜିଲା ସୁକିନ୍ଦା ବ୍ଲକ ନଗଡାର ସର୍ବାଙ୍ଗୀନ ବିକାଶ ପାଇଁ ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥ ଆତ୍ମସାତ ହୋଇଛି। ଏହି ସମ୍ବେଦନଶୀଳ ଅଭିଯୋଗ ଉପରେ ଓଡ଼ିଶା ଲୋକାୟୁକ୍ତ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। ଏଥିରେ ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି), ସୁକିନ୍ଦା ବିଡିଓ, ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ ଯାଜପୁର, ନେସ୍କୋ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍ଏସ୍)ର ନିର୍ବାହୀ ଯନ୍ତ୍ରୀ ଏବଂ ଜିଲା ସମାଜ ମଙ୍ଗଳ ଅଧିକାରୀ (ଡିଏସଡବ୍ଲ୍ୟୁଓ)ଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆସନ୍ତା ୬ ସପ୍ତାହ ମଧ୍ୟରେ ଉପରୋକ୍ତ ଅଧିକାରୀମାନେ ତାଙ୍କ ପକ୍ଷ ରଖିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିସହ ୯।୧୨।୨୦୧୯ରେ ପରବର୍ତ୍ତୀ ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି।

ଶିଶୁ ମୃତ୍ୟୁ ଘଟଣାକୁ ନେଇ ବହୁ ଚର୍ଚ୍ଚିତ ନଗଡ଼ାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରାୟ ୨୩କୋଟି ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ନଗଡ଼ା ଜୁଆଙ୍ଗ ଆଦିବାସୀଙ୍କ ଜୀବନଧାରଣ ମାନରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହି ମର୍ମରେ ରାଜ୍ୟ ସୂଚନା ଅଧିକାର ଆଇନ(ଆରଟିଆଇ)ର ଆବାହକ ପ୍ରଦୀପ ପ୍ରଧାନ ଲୋକାୟୁକ୍ତଙ୍କ ପାଖରେ ୧୪।୧୦।୨୦୧୯ରେ ଅଭିଯୋଗ କରିଥିଲେ। ଏହାପରେ ଓଡ଼ିଶା ଲୋକାୟୁକ୍ତ (ଏଲୱାଇ)-୪୫୫/୨୦୧୯ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଉପରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଯାଜପୁର ଜିଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ତେବେ ଲୋକାୟୁକ୍ତଙ୍କ ପାଖରେ ହୋଇଥିବା ଅଭିଯୋଗ ଅନୁସାରେ ୨୦୧୬ ଜୁଲାଇରେ ପୁଷ୍ଟିହୀନତା ଯୋଗୁ ୧୯ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ଏହା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ରାଜନୈତିକ ଦଳ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନଗଡ଼ାର ଶିଶୁ ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ନିୟୋଜିତ କରାଯାଇଥିଲା। ନଗଡ଼ାକୁ ରାସ୍ତା ନିର୍ମାଣ ହେବା ସହିତ ସ୍ୱାସ୍ଥ୍ୟ, ପାନୀୟ ଜଳ ଇତ୍ୟାଦି କ୍ଷେତ୍ରରେ କୋଟି କୋଟି ଟଙ୍କା ବିନିଯୋଗ ହୋଇଥିଲା। ନଗଡା ବିକାଶର ପରିଚାଳନା କରିବାକୁ କେନ୍ଦ୍ରୀୟ ରାଜସ୍ୱ ଆୟୁକ୍ତଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ତେବେ ନଗଡ଼ା

**ନଗଡ଼ା ବିକାଶରେ ପ୍ରଶାସନ ବିଫଳ**



■ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥ ଚଲୁ

■୬ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ

■ଡିସେମ୍ବର ୯ରେ ପରବର୍ତ୍ତୀ ଶୁଣାଣି

ଏବଂ ଗୁହିଆଶାଳ ଗ୍ରାମର ବିଭିନ୍ନ ବିକାଶ କ୍ଷେତ୍ରରେ ଖର୍ଚ୍ଚ ହୋଇଥିବା ସରକାରୀ ଅର୍ଥର ସବିଶେଷ ତଥ୍ୟ ମହିଳା ଓ ଶିଶୁ ବିକାଶ ବିଭାଗକୁ ଆରଟିଆଇ ଜରିଆରେ ମଗାଯାଇଥିଲା। କିନ୍ତୁ ଯାଜପୁର ଡିଆରଡିଏ ପକ୍ଷରୁ ଏହାର ହିସାବ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରଦାନ ନ କରିବାରୁ ଓଡ଼ିଶା ସୂଚନା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଡିଆରଡିଏ ପକ୍ଷରୁ ୩।୫।୨୦୧୯ରେ ନଗଡା ବିକାଶର ସବିଶେଷ ତଥ୍ୟ ଆରଟିଆଇ ଆବାହକ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ସୂଚନା ଅନୁସାରେ ଆଇଏପି(ଇଣ୍ଟିଗ୍ରେଟେଡ ଏକ୍ସନ ପ୍ଲାନ)ରେ ୨୧.୫୭ ଲକ୍ଷ ଟଙ୍କା, ସୁକିନ୍ଦା ବିଡିଓଙ୍କ ଜରିଆରେ ୪୨.୪୧ ଲକ୍ଷ ଟଙ୍କା, ନଗଡାରେ କଂକ୍ରିଟ ରାସ୍ତା ୨୦ ଲକ୍ଷ ଟଙ୍କା, ଅଶୋକଝରର ପାହାଡ ପାଦ ଦେଶରୁ ତଳ ନଗଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ବାବଦକୁ ୧୪୯୫.୬୪ ଲକ୍ଷ ଟଙ୍କା, ଗ୍ରାମ୍ୟ ଆବାସ ନିର୍ମାଣ ବାବଦକୁ ୨୩୦ ଲକ୍ଷ ଟଙ୍କା, ପାନୀୟ ଜଳଯୋଗାଣ ବାବଦକୁ ୫୩.୫୬ ଲକ୍ଷ ଟଙ୍କା ଆଦି ଖର୍ଚ୍ଚ ହୋଇଛି। ତେବେ ଏହି ରିପୋର୍ଟ ଆଧାରରେ ନଗଡାକୁ ଏକ ପ୍ରତିନିଧି ଦଳ ଗସ୍ତ କରି ସମୀକ୍ଷା କରିବା ପରେ ଆବଣ୍ଟିତ ଅନୁଦାନର ଠିକ ବିନିଯୋଗ ହୋଇ ନ ଥିବା ଦେଖିବାକୁ ମିଳିଥିଲା। ନଗଡାକୁ ରାସ୍ତା ନିର୍ମାଣ ଅତି ନିମ୍ନମାନର, ଉପରପଡ଼ା ନଗଡାରୁ ମଝି ନଗଡ଼ା ଏବଂ ତଳ ନଗଡା କଂକ୍ରିଟକରଣରେ ବ୍ୟାପକ ଅର୍ଥ ଆତ୍ମସାତ, ବିଦ୍ୟୁତକରଣ ସଂଯୋଗ ନ ହେବା, ନିମ୍ନମାନର ବିଜୁ ପକ୍କାଘର ନିର୍ମାଣ, ପାନୀୟ ଜଳଯୋଗାଣରେ ବିଫଳ ଆଦି ଅନିୟମିତା ପ୍ରତିନିଧ ଦଳ ଦେଖିବାକୁ ପାଇଥିଲେ। ଏହାପରେ ନଗଡ଼ାର ସମୀକ୍ଷା ଉପରେ ୮ ପୃଷ୍ଠା ସମ୍ମିଳିତ ଅଭିଯୋଗକୁ ନେଇ ଆରଟିଆଇ ଆବାହକ ପ୍ରଧାନ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ଡିଆରଡିଏ ପିଡି ଇନ୍ଦ୍ରମଣି ନାୟକଙ୍କୁ ପଚାରିବାରୁ, ସେ କହିଛନ୍ତି ଓଡ଼ିଶା ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଏଯାଏ ତାଙ୍କୁ ମିଳିନାହିଁ। ନିର୍ଦ୍ଦେଶ ମିଳିବା ପରେ ଆଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

### ବିଭିନ୍ନ ବ୍ଲକରେ ୧୦ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବଦଳି

ଯାଜପୁର ଟାଉନ,୨।୧୧(ଡିଏନଏ)

ଜିଲାର ବିଭିନ୍ନ ବ୍ଲକ ଅଧିନରେ କାର୍ଯ୍ୟରତ ୧୦ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି। ପାଣିକୋଇଲି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଦିନବନ୍ଧୁ ଓଝାଙ୍କୁ ବରୀ ବ୍ଲକକୁ ବଦଳି କରାଯାଇଥିବାବେଳେ କୋରେଇ ବ୍ଲକର ଅରୁଣ କୁମାର ସାହୁଙ୍କୁ ଯାଜପୁର ବ୍ଲକକୁ ବଦଳି ହୋଇଛି। ଦାନଗଦୀ ବ୍ଲକ ଅନ୍ତର୍ଗତ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ମନୋରଞ୍ଜନ ନାୟକ ଓ ନାରାୟଣ ପ୍ରଧାନଙ୍କୁ କୋରେଇ ଏବଂ ଦାନଗଦୀ ବ୍ଲକର ପିଇଓ ମହେଶ୍ୱେତାଙ୍କୁ ବଡଚଣା, ବିଞ୍ଝାରପୁର ବ୍ଲକରେ କାର୍ଯ୍ୟରତ ଶଶିଭୂଷଣ ଦାସଙ୍କୁ ଦଶରଥପୁର, ଦଶରଥପୁରରେ କାର୍ଯ୍ୟରତ ପିଇଓ ନବୀନ ସାମଲଙ୍କୁ ବିଞ୍ଝାରପୁର ବଦଳି କରାଯାଇଛି। ସେହିଭଳି ସୁକିନ୍ଦା ବ୍ଲକରେ କାର୍ଯ୍ୟରତ ପିଇଓ ଚିତ୍ତରଞ୍ଜନ ରାଉତଙ୍କୁ ଦାନଗଦୀ ବ୍ଲକ, ରସୁଲପୁର ବ୍ଲକରେ କାମ କରୁଥିବା ପିଇଓ ପ୍ରଫୁଲ୍ଲ ଜେନାଙ୍କୁ ବଡଚଣା ବ୍ଲକ ବଦଳି କରାଯାଇଥିବାବେଳେ ଦଶରଥପୁର ବ୍ଲକରେ କାର୍ଯ୍ୟରତ ପିଇଓ ଭରତ ଚନ୍ଦ୍ର ଜେନାଙ୍କୁ ବରୀ ବ୍ଲକକୁ ବଦଳି କରାଯାଇଛି। ଏହି ଆଦେଶକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ବ୍ଲକଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି।

## ପହଞ୍ଚି ପାରିଲାନି ହିନ୍ଦୀ ପ୍ରଶ୍ନପତ୍ର, ପରୀକ୍ଷା ବାତିଲ

ରସୁଲପୁର,୨।୧୧(ଡିଏନଏ)

ରାଜ୍ୟ ସରକାରଙ୍କ ଏକକ ପରୀକ୍ଷା ଯୋଜନାକୁ ଆରମ୍ଭରୁ ଧକ୍କା ଲାଗିଛି। ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ମିଶନ ବି ବିଫଳ ହୋଇଛି। ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚି ନ ପାରିବାରୁ ପରୀକ୍ଷା ବାତିଲ ହେବା ଘଟଣାରୁ ଏହା ପ୍ରମାଣିତ ହୋଇଛି। ଯାଜପୁର ଜିଲା ରସୁଲପୁର ବ୍ଲକର ୭ମ ଶ୍ରେଣୀ ବିଦ୍ୟାର୍ଥୀମାନେ ହିନ୍ଦୀ ପରିକ୍ଷାରୁ ବଞ୍ଚିତ ହୋଇଛନ୍ତି। ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚି ନ ପାରିବାରୁ ଉକ୍ତ ପରୀକ୍ଷାକୁ ବାତିଲ କରି ଦିଆଯାଇଛି। ଉକ୍ତ ପରୀକ୍ଷା କେବେ ହେବ ସେ ନେଇ ଦିନ ଧାର୍ଯ୍ୟ ହୋଇପାରି ନାହିଁ। ୨୦ ଦିନ ମଧ୍ୟରେ ଷାଣ୍ମାଷିକ ପରୀକ୍ଷା ପ୍ରକ୍ରିୟା ଶେଷ କରିବା ନିର୍ଦ୍ଦେଶ ବି କାର୍ଯ୍ୟକାରୀ ହୋଇ ନ ପାରିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଆରମ୍ଭରୁ ଏଭଳି ବିଭ୍ରାଟ ଦେଖାଦେଇଥିବାରୁ ବାର୍ଷିକ ଏକାଡେମିକ ଖସଡା କେମିତି କାର୍ଯ୍ୟକାରୀ ହେବ ତାକୁ ନେଇ ଶିକ୍ଷାଧିକାରୀ, ଶିକ୍ଷିକାଶିକ୍ଷକ, ଅଭିଭାବକଙ୍କୁ ଚିନ୍ତା ଘାରିଛି।

ଶନିବାର ଦ୍ୱିତୀୟ ସିଟିଂରେ ହିନ୍ଦୀ ବିଷୟରେ ପରୀକ୍ଷା ହେବାର ଥିଲା। ମାତ୍ର ପରୀକ୍ଷା ଆରମ୍ଭ ସୁଦ୍ଧା ପ୍ରଶ୍ନପତ୍ର ପହଞ୍ଚି ପାରି ନଥିଲା। ତେଣୁ ଉକ୍ତ ପରୀକ୍ଷାକୁ ବାତିଲ କରିବା ପାଇଁ ଜିଲା ପ୍ରକଳ୍ପ ସଂଯୋଜକଙ୍କ ନିକଟରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ବାର୍ତ୍ତା ପଠାଇ ଦିଆଯାଇଥିଲା। ଉକ୍ତ ବାର୍ତ୍ତାକୁ ବ୍ଲକ ଅଧୀନରେ ଥିବା ସିଆରସିସିଙ୍କୁ ମୋବାଇଲ ଜରିଆରେ ପ୍ରଦାନ କରାଯାଇଥିଲା। ହେଲେ ପରୀକ୍ଷା ସମୟ ବିତିଯାଇଥିଲେ ବି ଶିକ୍ଷକଙ୍କ ନିକଟରେ ଏ ନେଇ କୌଣସି ସୂଚନା ନ ଥିଲା। ଫଳରେ ଉଭୟ ପରୀକ୍ଷାର୍ଥୀ ଓ ଶିକ୍ଷୟତ୍ରୀଶିକ୍ଷକଙ୍କୁ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା। କୌଣସି ସୂତ୍ରରୁ ଖବର ପାଇ ଉକ୍ତ ପରୀକ୍ଷାଟି ବାତିଲ ହୋଇଯାଇଛି ଜାଣିବା ପରେ ଉଭୟ ପିଲା ଓ ଶିକ୍ଷକ ବିଦ୍ୟାଳୟ ଛାଡିଥିଲେ ବୋଲି ଜଣାପଡିଥିଲା। ଏହାଛଡା ଏବେ ବି ୪ର୍ଥ, ୫ମ ଓ ୬ଷ୍ଠ ଶ୍ରେଣୀ ପାଇଁ ଏବେ ବି ସାମାଜିକ ଜ୍ଞାନ ପ୍ରଶ୍ନପତ୍ର ପହଞ୍ଚି ନାହିଁ ବୋଲି ଜଣାପଡିଛି। ଏହାଛଡା ବିଭିନ୍ନ ବିଦ୍ୟାଳୟରେ ନାନା ବିଷୟକୁ ନେଇ ପହଞ୍ଚି ଥିବା ପ୍ରଶ୍ନପତ୍ର ଆବଶ୍ୟକତା ଠାରୁ କମ୍ ରହିଛି। ଉକ୍ତ ପ୍ରଶ୍ନପତ୍ରକୁ ଫଟୋକପି କରିବା ପାଇଁ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ଏ ବାବଦରେ ହେଉଥିବା ଖର୍ଚ୍ଚକୁ ବିଦ୍ୟାଳୟ ମରାମତି ପାଇଁ ଆସୁଥିବା ଅର୍ଥରୁ ଭରଣା କରାଯିବ ବୋଲି ନିର୍ଦ୍ଦେଶ ରହିଛି। ଉକ୍ତ ନିର୍ଦ୍ଦେଶନାମା ଏବେ ସୁଦ୍ଧା ବିଦ୍ୟାଳୟ ସ୍ତରରେ ପହଞ୍ଚି ପାରିନାହିଁ। ଏହିଭଳି ଯାବତୀୟ ତ୍ରୁଟି ବିଚ୍ୟୁତିକୁ ନେଇ ସରକାରଙ୍କ ଏକକ ପରୀକ୍ଷା ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କୁହାଯାଉଛି। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ସମାଲୋଚନା କରାଯାଉଛି।



ପିଲାମାନେ ପରୀକ୍ଷା ହଲରେ ପ୍ରଶ୍ନପତ୍ରକୁ ଅପେକ୍ଷା କରି ବସିଛନ୍ତି।

### ଶିକ୍ଷକଙ୍କଠାରୁ ୧.୮୫ ଲକ୍ଷ ଲୁଟ୍ ଅଭିଯୋଗ

ରସୁଲପୁର,୨।୧୧(ଡିଏନଏ)

ରସୁଲପୁର ବ୍ଲକ କୁଆଖିଆ ବଜାର ସାରଙ୍ଗପୁର ମେଲଣ ପଡିଆରୁ ଶିକ୍ଷକ ଶିବ ପ୍ରସାଦ ବରାଳଙ୍କଠାରୁ ୧.୮୫ଲକ୍ଷ ଟଙ୍କା ଲୁଟ୍ ହୋଇଯାଇଛି। ଏନେଇ ଶିକ୍ଷକ ଜଣକ ଶନିବାର କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଖୋଳତାଡ ଆରମ୍ଭ କରିଛି। ପ୍ରକାଶ ଯେ ହରିପୁର ଗ୍ରାମର ଶିକ୍ଷକ ବରାଳ ଅପରାହ୍ନରେ କୁଆଖିଆ ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ଘର ତିଆରି ପାଇଁ ଋଣ ଟଙ୍କା ଉଠାଇ ଘରକୁ ଫେରୁଥିଲେ। ବ୍ୟାଙ୍କ ଶାଖା ପାଖରୁ ଟଙ୍କା ନେଇ ପଡିଆକୁ ପରିଶ୍ରା କରିବାକୁ ଯାଇଥିଲେ। ଏହି ସମୟରେ ୨ଜଣ ଯୁବକ ହଠାତ୍ ତାଙ୍କ ହାତରୁ ଟଙ୍କା ବ୍ୟାଗ୍‌ଟିକୁ ଟାଣି ନେଇ ପଳାଇ ଯାଇଥିଲେ। ଏ ଦିଗରେ ଶିକ୍ଷକ ତୁରନ୍ତ କୁଆଖିଆ ଥାନାରେ ଘଟଣା ସମ୍ପର୍କରେ ଜଣାଇଥିଲେ। ଏସ୍ଆଇ ରାଜକିଶୋର ଦାସ ଘଟଣାସ୍ଥଳକୁ ଆସି ବ୍ୟାଙ୍କ ଶାଖାରେ ଥିବା ସିସି ଟିଭି ଫୁଟେଜ୍ ଯାଞ୍ଚ କରିଥିଲେ ମଧ୍ୟ ଲୁଟେରାଙ୍କ ସମ୍ପର୍କରେ କୌଣସି ସୂଚନା ମିଳି ନ ଥିଲା। ତେବେ ମେଲଣ ପଡିଆସ୍ଥିତ ଜେନିଥ୍ କୋଚିଂ ସେଣ୍ଟର୍‌ର ସିସି ଟିଭି ଫୁଟେଜ୍ ଯାଞ୍ଚ କରିବ ବୋଲି ପୋଲିସ କହିଛି।

## ଶେଷ ଦିନରେ କଂଗ୍ରେସ, ଭାଜପା ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**୮ ନଂ ଜିଲାପରିଷଦ ଉପନିର୍ବାଚନ**

ଯାଜପୁର ଟାଉନ,୨।୧୧(ଡିଏନଏ)

ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଦାନଗଦୀ ବ୍ଲକ ଯାଜପୁର ଜିଲାପରିଷଦର ୮ ନଂ. ଜୋନ ପାଇଁ ଆସନ୍ତା ୨୭ତାରିଖ ଉପନିର୍ବାଚନ ହେବ। ଶନିବାର ଏନେଇ ନାମାଙ୍କନ ପତ୍ର ଦାଖଲର ଅନ୍ତିମ ଦିବସରେ ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଧିର ଏକ ବିଶାଳ ପଟୁଆରରେ ଆସି ଉପଜିଲାପାଳ ତଥା ରିଟର୍ନିଂ ଅଫିସର ନାରାୟଣ ଚନ୍ଦ୍ର ଧଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଧିରଙ୍କ ସହିତ ଦାନଗଦୀ ବ୍ଲକ ଉପାଧ୍ୟକ୍ଷ ସୁଧାଂଶୁ ଭଞ୍ଜ, ବରିଷ୍ଠ ଭାଜପା ନେତା ହଳଧର ନାୟକ, ପ୍ରଶାନ୍ତ ରାୟ, ଓସ୍ତପାଳ ସରପଞ୍ଚ କୈଳାସ ନାୟକ, ନରେନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଦୀପୁ ରାଉତ, ରଞ୍ଜନ କୁମାର ସାହୁ, ଉଚ୍ଚବାଲି ସମିତି ସଭ୍ୟ ଚଗୁଲୁ ଜେନା, ଅକ୍ଷୟ ମହାନ୍ତି, ଅଞ୍ଜୁଳ ପ୍ରଧାନ, ପ୍ରଭାକର ମହାନ୍ତ, କୂଳମଣୀ ଧଳ, ରଣଜିତ ବେହେରା, ପ୍ରଫୁଲ୍ଲ ରାଉତ ପ୍ରମୁଖଙ୍କ ଭଳି ଟାଣୁଆ ସଂଗଠକମାନେ ପ୍ରାର୍ଥୀ ଧିରଙ୍କ ସହିତ ଆସିଥିବା ଦେଖାଯାଇଥିଲା। ସେହିଭଳି କଂଗ୍ରେସ ପ୍ରାର୍ଥୀ ପ୍ରଭାତ କୁମାର ସାମନ୍ତଙ୍କ ସହିତ ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, ସମୀର ମହାକୁଡ, ଗିରିଧାରୀ ମହାନ୍ତ, ଦାମୋଦର ପୁହାଣ, ବିଭୂଭୁଷଣ ରାଉତ, ପ୍ରଭାତୀ ବଳଙ୍କ ସମେତ କଂଗ୍ରେସର ଅନେକ ଛାମୁଆ ସଂଗଠକ ଆସିଥିବା ଦେଖିବାକୁ ମିଳିଥିଲା। ତେବେ ପ୍ରାର୍ଥୀପତ୍ର ଯାଞ୍ଚ ପରେ ସବୁ ପ୍ରାର୍ଥୀଙ୍କର ଯଦି ନାମାଙ୍କନ କାଏମ ରହେ ତେବେ ଏଠାରେ ତ୍ରିମୁଖି ପ୍ରତିଦ୍ୱନ୍ଦ୍ୱିତା ହେବା ନିଶ୍ଚିତ। ଉଲ୍ଲେଖଯୋଗ୍ୟ ଯେ, ଏହିକି ଯେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଧିର ଗତ ନିର୍ବାଚନରେ ଶାସକ ବିଜେଡିରୁ ପ୍ରାର୍ଥୀ ହୋଇଥିବାବେଳେ ଗତ ସାଧାରଣ ନିର୍ବାଚନ ସମୟରେ ସେ ବିଜେଡି ଏବଂ ଜିଲା ପରିଷଦରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିଲେ। ଧିରଙ୍କ ଇସ୍ତଫା ଯୋଗୁ ହିଁ ଏଠାରେ ଉପନିର୍ବାଚନ କରାଯାଉଛି।

## ବିଜୁ ଯୁବ ବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

ରସୁଲପୁର,୨।୧୧(ଡିଏନଏ)

ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳରେ ଶନିବାର ପୂର୍ବାହ୍ନରେ ବିଜୁ ଯୁବ ବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ସଡ଼କ ସୁରକ୍ଷା ଓ ସୁରକ୍ଷିତ ଗାଡି ଚାଳନା ସମ୍ପର୍କରେ ସଚେତନ କରାଯାଇଛି। ଟ୍ରାଫିକ୍ ନୂଆ ନିୟମକୁ କଡାକଡ଼ି ଭାବେ ପାଳନ କରିବା ପାଇଁ ଗାଡି ଚାଳକଙ୍କୁ ପରାମର୍ଶ ଦିଆଯାଇଛି। ହେଲେମେଟ ପିନ୍ଧିଥିବା ବାଇକ ଚାଳକଙ୍କୁ ଯୁବକମାନେ ଗୋଲାପ ଫୁଲ ଦେଇ ସମ୍ମାନିତ କରିଥିବା ବେଳେ ବିନା ହେଲମେଟରେ ବାଇକ୍ ଚାଳନା ଓ ସିଟ୍‌ବେଲ୍‌ଟ୍‌ରେ କାର ଚାଳକଙ୍କୁ ସଚେତନ କରାଇଥିଲେ। ଏଥିସହ ଗାଡିର ସମସ୍ତ କାଗଜପତ୍ରକୁ ଅପଡେଟ୍ କରିବାକୁ ପରାମର୍ଶ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ସରପଞ୍ଚ ବିଜୟ ଦାସ, ସମିତିସଭ୍ୟ ଅଟଳ ବିହାରୀ ଦାସ, ବିଜୁ ଯୁବବାହିନୀ ସଭାପତି ବିରଜା ପାଣ୍ଡେ, ଯୁବକନେତା ଶିବ ଚରଣ ଓଝା, ଶରତ ପାଣ୍ଡେ, ରାକଶ ଦେଓ, ଜୁଲଫିକର ଅଲ୍ଲୀ, ସଂଗ୍ରାମ ଜେନା, ବିରଞ୍ଚି ନାରାୟଣ ସାହୁ, ଅସତ୍ୟ ସେଠୀ, ସେକ୍ ସାଇଲୋ ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ ଶତାଧିକ ବିଜେଡି ଯୁବ କର୍ମୀ ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପୋଲିସ କର୍ମଚାରୀ ଓ ବିଜୁ ଯୁବବାହିନୀର ସଦସ୍ୟମାନେ।

## ■ ଘର ଛାଡ଼ିଲେ ସ୍ମିତାରାଣୀଙ୍କ ପରିବାର

# ମାମଲା ଶିଥିଳ ପଡ଼ିବା ସମ୍ଭାବନା

ରସୁଲପୁର,୨।୧୧(ଡିଏନଏ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରିଣୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣା ଉପରୁ ପରଦା ହଟାଇବା ପାଇଁ ଭାଜପା ଓ କଂଗ୍ରେସ ଦାବି କରିଆସୁଥିଲେ ହେଁ ଏଯାବତ୍ ତାହା ରହସ୍ୟାବୃତ ହୋଇ ରହିଛି। ଉକ୍ତ ଘଟଣା ଦିନକୁ ଦିନ ଭିନ୍ନ ମୋଡ଼ ନେଉଛି। ଏସବୁ ଭିତରେ ଶୁକ୍ରବାର ରାତିରେ ଭୟଭୀତ ହୋଇ ଘର ଛାଡିଛନ୍ତି ମୃତା ପିଇଓଙ୍କ ପରିବାର। ମୃତା ସ୍ମିତାରାଣୀଙ୍କ ବାପା ସଦାନନ୍ଦ ବିଶ୍ୱାଳ ଓ ମା' ରୂପଣୀ, ଝିଅ ଖୁସି ଓ ସ୍ୱାମୀ ସୁଶୀଲ ଚୋରମୁହାଁସ୍ଥିତ ଘର ଛାଡିବାକୁ ବାଧ୍ୟ ହୋଇଛନ୍ତି। ସେମାନେ ଆଉ ଗାଁକୁ ଫେରିବେ ନାହିଁ, ସେଠାରୁ ବିଶ୍ୱାଳ ଦମ୍ପତି ପୁଅ ପାଖକୁ ଦିଲ୍ଲୀ ଚାଲିଯିବେ ବୋଲି ସଦାନନ୍ଦ ଧରିତ୍ରୀକୁ କହିଛନ୍ତି। ମାତ୍ର ଖୁସି କେଉଁଠି ରହିବେ ସେହି ଚିନ୍ତା ଏବେ ବିଶ୍ୱାଳ ପରିବାରକୁ ଘାରିଛି। ଖୁସି କେଉଁଠି ଖୁସିରେ ରହିବ ସେ ନିଷ୍ପତ୍ତି ତା ଉପରେ ନିର୍ଭର କରୁଛି। ସେ ବାପା ସୁଶୀଲଙ୍କ ସହ ରହିବାକୁ ଚାହିଁଲେ ସୋମାନେ ତାଙ୍କୁ ତାଳଚେରରେ ବାପାଙ୍କ ପାଖରେ ଛାଡି ଚାଲିଯିବେ। ମାତ୍ର ଖୁସି ସେମାନଙ୍କ ସହ ରହିବାକୁ ଚାହିଁଲେ ତାକୁ ସାଙ୍ଗରେ ନେଇଯିବେ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ସ୍ମିତାଙ୍କ ପରିବାର ଘର ଛାଡ଼ିବା ପରେ ଏବେ ଏହି ଘଟଣା ଶିଥିଳ ପଡ଼ିଯିବାର ସମ୍ଭାବନା ଦେଖାଦେଇଛି।

ଅଭିଯୁକ୍ତ ରୂପେଶ ଭଦ୍ର ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାବେଳେ ତାଙ୍କ ଚାପରେ ପୋଲିସ, ତହସିଲ ପ୍ରଶାସନ, ରାଜନେତା ଚେପା ହୋଇଯାଇଥିବା କୁହାଯାଉଛି। ମାମଲାକୁ ନେଇ ପୋଲିସର ତଦନ୍ତ ପ୍ରକ୍ରିୟା, ସରକାରୀ ଜମିକୁ ଅଭିଯୁକ୍ତ ହାତକୁ ଟେକି ଦେବା, ସରକାରୀ କର୍ମଚାରୀ କର୍ତ୍ତବ୍ୟରତ ଥାଇ ମୃତ୍ୟୁବରଣ କରିବା ପରେ ବି ସରକାରୀ ଦଳ ନୀରବତା ଅବଲମ୍ବନ କରିବା ଘଟଣାରୁ ଏହା କ୍ରମଶଃ ସ୍ପଷ୍ଟ ହେବାରେ ଲାଗିଛି। ଏହାଛଡା ମୃତା ପିଇଓଙ୍କ ବାପା ସଦାନନ୍ଦ ଗଣମାଧ୍ୟମ ସମ୍ମୁଖରେ ଅଭିଯୁକ୍ତ ବିଚାର ବିଭାଗୀୟ ହେପାଜତରେ ରହି ବି ମାମଲାକୁ ପରିଚାଳନା କରୁଛନ୍ତି ବୋଲି ଦେଇଥିବା ଅଭିଯୋଗକୁ ଅଣଦେଖା କରାଯାଇ ପାରିବ ନାହିଁ। ଉକ୍ତ ମାମଲାକୁ ଦୁର୍ବଳ କରିବା ପାଇଁ ଅଭିଯୁକ୍ତର ସହଯୋଗୀମାନେ ଲାଗି ପଡିଛନ୍ତି। ଏନେଇ ଦୈନିକ ସହଯୋଗୀଙ୍କ ସହ ଅଭିଯୁକ୍ତ କଥା ହେଉଥିବା ଏବଂ ସେମାନେ ଜେଲ୍‌ର ସୁରକ୍ଷା ବାଡ଼ ଡେଇଁ ରୂପେଶଙ୍କ ସହ କଥା ହେଉଥିବା ଚର୍ଚ୍ଚା ହେଉଛି। ଏ ଦିଗରେ ରହିଥିବା ଆଇନକୁ ଜେଲ କର୍ତ୍ତୃପକ୍ଷ କଡାକଡ଼ି ପାଳନ କରୁଥିବା ନେଇ ସାଧାରଣରେ ସନ୍ଦେହ ଉପୁଜିଛି। ସ୍ମିତାଙ୍କ ପରିବାରଙ୍କୁ ଡରାଇ ଧମକାଇ ଏଠାରୁ ବିଦା କରିଦେଲେ ମାମଲାକୁ ନେଇ ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡିଯିବ ଓ ଅଭିଯୁକ୍ତଙ୍କୁ ଜେଲରୁ ମୁକୁଳିବା ସହଜ ହୋଇଯିବ ବୋଲି ଯେଉଁ ଯୋଜନା କରାଯାଇଥିଲା ତାହା ଏକ ପ୍ରକାର ସଫଳ ହୋଇଛି ବୋଲି କୁହାଯାଉଛି। ପରିବାର ଲୋକେ ସ୍ଥାନ ଛାଡି ଦେବାପରେ ଏହି ମାମଲାକୁ ନେଇ ଆଉ ଅଧିକ ହୋହଲ୍ଲା ହୋଇ ନ ପାରେ ବୋଲି କୁହାଯାଉଛି। ଏସବୁ ଆରମ୍ଭରୁ ମାମଲାକୁ ରଫାଦଫା କରିବାକୁ ପ୍ରୟାସ କରାଯାଉଛି ବୋଲି ବାପା ସଦାନନ୍ଦ ଅଭିଯୋଗ କରିଛନ୍ତି। ତାଙ୍କ ମତରେ ଝିଅ ସ୍ମିତା ସରକାରୀ କାର୍ଯ୍ୟରେ ନିୟୋଜିତ ଥିବାବେଳେ ମୃତ୍ୟୁବରଣ କରିଛନ୍ତି। ହେଲେ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ସହଯୋଗ ତ ମିଳିଲାନି, ଏତେ ସବୁ ପରେ ବି କେହି ଜଣେ ତାଙ୍କ ପରିବାର ନିକଟରେ ପହଞ୍ଚି ଆଶ୍ୱାସନ ବି ଦେଲେନି। ଏହାକୁ ନେଇ ସେ ବିଶେଷ ଚିନ୍ତିତ ବୋଲି ପ୍ରକାଶ କରିଛନ୍ତି। ତାଙ୍କ ପରିବାର ପ୍ରତି ଆଉ କିଛି ଅଘଟଣ ଘଟିଲେ ତାଙ୍କୁ କିଏ ସୁରକ୍ଷା ଦେବ ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି। ସମଗ୍ର ଘଟଣାବଳୀ ସମ୍ପର୍କରେ ପୋଲିସର ଅସମ୍ଭବ ନୀରବତା ଅବଲମ୍ବନ କରିବାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଏସବୁ ଦିଗକୁ ଦୃଷ୍ଟି ନ ଦେଲେ ତଦନ୍ତ ବାଟବଣା ହେବା ଥୟ ବୋଲି ମନେହେଉଛି। ମାତ୍ର ବିରୋଧୀଙ୍କ ହୋହଲ୍ଲାରେ ସରକାର ଆଦୌ ପ୍ରଭାବିତ ନ ଥିବା ଭଳି ମନେ ହେଉଛି। ବୋଧହୁଏ ଉକ୍ତ ଘଟଣାକୁ ଅତି ଗୋପନୀୟ ଓ ସତର୍କତାର ସହ ପୋଲିସ ଚାପି ଦେବା ପ୍ରୟାସରେ ନୀରବତା ଅବଲମ୍ବନ କରୁଛି ବୋଲି ବିରୋଧୀ କଂଗ୍ରେସ ନେତ୍ରୀ ସ୍ମୃତିରେଖା ପହି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟିବା ପରେ ତାଙ୍କଠାରୁ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ନ ମିଳିବା ଘଟଣାକୁ ନେଇ ରାଜ୍ୟ ପୋଲିସର ତଦନ୍ତ ଉପରେ ଭରସା କରିପାରୁ ନାହାନ୍ତି ବୋଲି ସୁଶୀଲ କହିଛନ୍ତି। ସେ ଏହି ଆଧାରରେ ସିବିଆଇ ତଦନ୍ତ ଦାବି କରିଛନ୍ତି।

**ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା**



■ଭୟଭୀତ କରାଇ ଘର ଛାଡ଼ିବାକୁ ଯୋଜନା କରାଯାଇଥିବା ଚର୍ଚ୍ଚା

■୪ବର୍ଷୀୟା ଝିଅକୁ ନେଇ ବଢୁଛି ଚିନ୍ତା



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା- ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।
- ଚାଣକ୍ୟ



## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୩ ତାରିଖ (ରବିବାର)

- କୃଷିମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିର
  **ସ୍ଥାନ :** ପୁରୁଣା ବସ୍‌ଷ୍ଟାଣ୍ଡ , ନୟାଗଡ଼
  ସମୟ- ପୂର୍ବାହ୍ନ ୧୦ଟା
- ଅବସରପ୍ରାପ୍ତ ପୋଲିସ କର୍ମଚାରୀ ସଂଘର ବୈଠକ
  **ସ୍ଥାନ :** ହୋଟେଲ ଗୋପୀନାଥ, ନୟାଗଡ଼
  ସମୟ- ପୂର୍ବାହ୍ନ ୧୧ଟା

### ୪ ତାରିଖ (ସୋମବାର)

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
  **ସ୍ଥାନ :** ଜିଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼ ସମୟ-ପୂର୍ବାହ୍ନ ୧୧ଟା
- ଗୋଷ୍ଠାଷ୍ଟମୀ ଉତ୍ସବ ପାଳନ
  **ସ୍ଥାନ :** ରାଧାମୋହନ ଜୀଉ ମଠ, କଣ୍ଟିଲୋ
  ସମୟ- ସକାଳ ୭ଟା
- ଭାଗବତ ସପ୍ତାହ ପ୍ରବଚନ କାର୍ଯ୍ୟକ୍ରମ
  **ସ୍ଥାନ :** ଭାଗବତ ଆଶ୍ରମ, ଶରଣକୁଳ
  ସମୟ- ସକାଳ ୮ଟା

### ୫ ତାରିଖ (ମଙ୍ଗଳବାର)

- ଅଳାଁ ନବମୀ ଉତ୍ସବ
  **ସ୍ଥାନ:**ନୀଳମାଧବ ପୀଠ, କଣ୍ଟିଲୋ
  ସମୟ- ସକାଳ ୮ଟା

### ୮ ତାରିଖ (ଶୁକ୍ରବାର)

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର
  **ସ୍ଥାନ:** କିଶୋର ଚନ୍ଦ୍ର ନୋଡ଼ାଲ ଉଚ୍ଚ ବିଦ୍ୟାପୀଠ, ଗଣିଆ
  ସମୟ- ସକାଳ ୯ଟା

# ଇକୋ ଭିଲେଜ ପାଇଁ ସଜେଇହେଲା ମୁଦୁଲିଗାଡ଼ିଆ

## ଗାଁରେ ରହି ମଜ୍ଜା ଉଠାଇବେ ପର୍ଯ୍ୟଟକ

**ଗଣିଆ,୨।୧୧(ଡି.ଏନ.ଏ.)**

ସାତକୋଶିଆ ବ୍ୟାଘ୍ର ସଂରକ୍ଷଣାଞ୍ଚଳ ଅନ୍ତର୍ଗତ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର ମୁଦୁଲିଗାଡିଆ ଗ୍ରାମକୁ ବନ୍ୟପ୍ରାଣୀ ବନ ବିଭାଗ ଦ୍ୱାରା ଇକୋ ଭିଲେଜରେ ପରିଣତ କରିବା ପାଇଁ ପ୍ରୟାସ ଜାରି ରହିଛି । ଏଥିପାଇଁ ବିଭାଗ ତରଫରୁ ଗ୍ରାମକୁ ରଙ୍ଗବେରଙ୍ଗରେ ସଜେଇବା ଆରମ୍ଭ ହୋଇଛି । ପ୍ରତି ପରିବାରର ଘରଗୁଡ଼ିକୁ ଗେରୁଆ ଓ ଧଳା ରଙ୍ଗ କରାଯିବା ସହ କାନ୍ଥଗୁଡ଼ିକରେ ନାନା ପ୍ରକାର ଝୋଟି ଚିତ୍ର କରାଯାଇଛି । ପ୍ରତ୍ୟହ ସକାଳୁ ଗ୍ରାମର ମା' ସାତଭଉଣୀ ପରିବେଶ ବିକାଶ ସମିତି ସଭ୍ୟାମାନଙ୍କ ଦ୍ୱାରା ଗାଁ ପରିବେଶ ସଫାସୁତରା କରାଯିବା ସହ ଘର ଅଗଣାକୁ ଗୋବରରେ ଲିପି ସୁନ୍ଦର ଭାବେ ସଜାଯାଉଛି। ଗ୍ରାମରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ବନ୍ଦ କରିବା ସହ ପଲିଥିନ୍ ମୁକ୍ତ ପରିବେଶ ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଗ୍ରାମର କୋଠଘର ଓ ସାମୂହିକ ଅନୁଷ୍ଠାନଗୁଡ଼ିକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜାଯାଇଛି। ତେବେ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣାଞ୍ଚଳର ସାଉଥ୍ ବଡମୂଳ ମଙ୍ଗାନାସୀଠାରେ ଥିବା ଇକୋ ଟୁରିଜିମ୍ ସ୍ୟାଣ୍ଡ ରିସୋର୍ଟକୁ ଆସୁଥିବା ପର୍ଯ୍ୟଟକମାନେ ଏହି ଇକୋ ଭିଲେଜର ସୁନ୍ଦର ପରିବେଶରେ ବୁଲି ମଜ୍ଜା ଉଠାଇପାରିବେ ବୋଲି ଗ୍ରାମ୍ୟ ପରିବେଶ ବିକାଶ ସମିତି ତରଫରୁ କୁହାଯାଇଛି। ଆବଶ୍ୟକସ୍ଥଳେ ସାତକୋଶିଆ ପର୍ଯ୍ୟଟନ କେନ୍ଦ୍ରକୁ ବୁଲିଆସୁଥିବା ପର୍ଯ୍ୟଟକମାନେ ଇକୋ ଭିଲେଜରେ ଦେଶୀ ଖାଦ୍ୟ ଖାଇବା ସହ ରାତ୍ର ରହଣିର ବ୍ୟବସ୍ଥା ମଧ୍ୟ କରାଯାଉଛି। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୩୬ଟି ଗ୍ରାମକୁ ଇକୋ ଭିଲେଜରେ ପରିଣତ କରିବା ପାଇଁ ବନ୍ୟପ୍ରାଣୀ ବିଭାଗ ତରଫରୁ ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମଥର ପାଇଁ ମୁଦୁଲିଗାଡିଆ ଗ୍ରାମକୁ ପାଇଲଟ ପ୍ରକଳ୍ପ ଭାବେ ନିଆଯାଇ କାର୍ଯ୍ୟ ଆରମ୍ଭ ହୋଇଛି । ତେବେ ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବନ୍ୟପ୍ରାଣୀ ବିଭାଗ ଏହି ଇକୋ ଭିଲେଜ ନିର୍ମାଣ କରିବା ଓଡ଼ିଶାରେ ପ୍ରଥମ ବୋଲି ସମ୍ପୃକ୍ତ ବିଭାଗ ତରଫରୁ ସୂଚନା ମିଳିଛି । ବିଗତ ୫ବର୍ଷ ଧରି ଏହି ଗ୍ରାମ ନିକଟରେ ଥିବା ମଙ୍ଗାନାସୀ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ପ୍ରତି ଆକୃଷ୍ଟ ହୋଇ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ।



ରଙ୍ଗବେରଙ୍ଗରେ ସଜେଇ ହେଉଛି ମୁଦୁଲିଗାଡିଆ ଗାଁ ।

## ପୋଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର: ୨ କୋର୍ଟ ଚାଲାଣ

**ଖଣ୍ଡପଡ଼ା,୨।୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲୋ ବଜାରରେ ୩ଦିନ ତଳେ କେତେକ ଯୁବକ ନିଶାସକ୍ତ ଅବସ୍ଥାରେ ସାଧାରଣ ଲୋକଙ୍କୁ ଦୁର୍ବ୍ୟବହାର କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କଠାରୁ ସୂଚନା ପାଇ କଣ୍ଟିଲୋ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକମାନଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ଏହାକୁ ଖାତିର ନ କରି ସେମାନେ ପାଟିତୁଣ୍ଡ କରିବା ସହ ପୋଲିସଙ୍କୁ ଠେଲାପେଲା କରିଥିଲେ। ଏଥିରେ ୩ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଫାଣ୍ଡିରେ କାର୍ଯ୍ୟରତ କନଷ୍ଟେବଳ ରମେଶ ଚନ୍ଦ୍ର ସାହୁଙ୍କ ଲିଖିତ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୨୧୯/୧୯) ରୁଜୁ ହୋଇଥିଲା। ତଦନ୍ତ ପରେ ପୋଲିସ ଆଲୋକ ଓରଫ ସନ୍ତୋଷ କୁମାର ସ୍ୱାଇଁ ଓ ତପନ କୁମାର ସାମଲଙ୍କୁ ଭୋଗଡା ଗ୍ରାମରୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଫାଣ୍ଡି ଅଧିକାରୀ ଜୟ ପ୍ରକାଶ ପରିଡାଙ୍କଠାରୁ ପ୍ରକାଶ।

## ସଂକ୍ଷେପରେ

### ନିଶା ସେବନକାରୀ ବାଇକ୍ ଚାଳକ କୋର୍ଟ ଚାଲାଣ

**ଖଣ୍ଡପଡା,୨।୧୧(ସ୍ୱ.ପ୍ର.):** ଖଣ୍ଡପଡା ପୋଲିସ ଶନିବାର ଜଣେ ନିଶା ସେବନକାରୀ ବାଇକ୍ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖଳିସାହି ପଞ୍ଚାୟତ ପୁଆଣିଆ ଗ୍ରାମର କୈଳାସ ପରିଡା। ଖଣ୍ଡପଡା-ଖଳିସାହି ରାସ୍ତାରେ ପୋଲିସ ପକ୍ଷରୁ ଯାନବାହନ ଧରପଗଡ ଅଭିଯାନ ଚାଲୁ ରହିଥିଲା। ଏହି ସମୟରେ କୈଳାସ ବାଇକ୍‌ରେ ଦ୍ରୁତ ଗତିରେ ଯାଉଥିବାବେଳେ ପୋଲିସ ତାଙ୍କୁ ପିଛାକରି ଧରିଥିଲା। ଖଣ୍ଡପଡା ଏସଡିପିଓ ଶ୍ରୀନିବାସ ମହାନ୍ତି ସେହି ରାସ୍ତାରେ ଆସୁଥିବା ବେଳେ ଏହି ଘଟଣା ତାଙ୍କ ନଜରକୁ ଆସିଥିଲା। ନିଶାଶକ୍ତ ଅବସ୍ଥାରେ କୈଳାସ ବାଇକ୍ ଚଳାଉଥିବା ପୋଲିସ ଜାଣିବାକୁ ପାଇଥିଲା। ଏ ନେଇ ଖଣ୍ଡପଡା ଥାନାରେ ଏକ ମାମଲା ରୁଜୁ କରି ପୋଲିସ କୈଳାସଙ୍କୁ ଗିରଫ କରିଥିଲା।

### ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶିତ

**ନୟାଗଡ଼ ଅଫିସ,୨।୧୧:**ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ସରକାରୀ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଶରଣକୁଳ ପବ୍ଲିକ ସ୍କୁଲର ୩ ଜଣ ଛାତ୍ରୀଛାତ୍ର ସ୍ଥାନ ପାଇଛନ୍ତି। ସେମାନେ ହେଲେ ୩ୟ ଶ୍ରେଣୀର ଛାତ୍ର ସୌମେନ୍ଦ୍ର ପ୍ରିୟଦର୍ଶୀ, ଓଁକାର ସାହୁ ଓ ଛାତ୍ରୀ ପ୍ରିୟଦର୍ଶିନୀ ବରାଡ଼। ଓଡ଼ଗାଁ ବ୍ଲକର ତୃତୀୟଶ୍ରେଣୀ ମେଧାବୃତ୍ତି ତାଲିକା ପ୍ରକାଶ ପାଇଥିବା ବେଳେ ୧୪ ଜଣ ମେରିଟ ତାଲିକାରେ ସ୍ଥାନ ପାଇଛନ୍ତି।

## ■ ଭାଟସାହି ଗ୍ରାମରେ ଖଟ ବୁଲିବା ଘଟଣା

# ଗିରଫ ହେଲେ ଗୁଣିଆ

**ନୟାଗଡ଼ ଅଫିସ,୨।୧୧**

ନୟାଗଡ଼ ଟାଉନ ଥାନା ଭାଟସାହିଗ୍ରାମରେ ଖଟବୁଲା ଘଟଣାରେ ପୋଲିସ ଶନିବାର ସମ୍ପୃକ୍ତ ଗୁଣିଆକୁ ଗିରଫ କରିଛି। ଗିରଫ ଗୁଣିଆ ଜଣଙ୍କ ହେଲେ ବେଲବଣି ଗ୍ରାମର ବାଙ୍କନିଧି ନାହାକ ଓରଫ ହାଡ଼ିବନ୍ଧୁ। ଏ ନେଇ ଥାନାରେ ନଂ.୧୬୧/୧୯ରେ ଏକ ମାମଲା ରୁଜୁ କରାଯାଇ ହାଡ଼ିବନ୍ଧୁଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି ପ୍ରକାଶ କରିଛନ୍ତି।

ଥାନାରୁ ମିଳିଥିବା ସୂଚନା ଅନୁସାରେ ଭାଟସାହି ଗ୍ରାମ ତୋଟାସାହିର ବିଜୟ ବେହେରାଙ୍କ ଘରୁ ୨ ସପ୍ତାହ ତଳେ ୨୦ ହଜାର ଟଙ୍କା ଚୋରି ହୋଇଥିଲା। ଚୋରି ହେବା ନେଇ ସେ ଗ୍ରାମ କମିଟିକୁ ଜଣାଇଥିଲେ। ପରେ ଗ୍ରାମରେ ବୈଠକ ବସି ଚୋର ଧରିବା ପାଇଁ ପୋଲିସଠାରେ ଅଭିଯୋଗ କରିବା ବଦଳରେ ଖଟ ବୁଲାଇବାକୁ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତିରେ ଗ୍ରାମର କୌଣସି ବ୍ୟକ୍ତି ଖଟବୁଲା ବିଷୟରେ ବାହାରେ କାହାକୁ ନ କହିବା ପାଇଁ ତାଗିଦ୍ କରାଯାଇଥିଲା। ସେହିଭଳି ଯିଏ ଏ ଘଟଣା ବିଷୟରେ ବାହାରେ ପ୍ରଘଟ କରିବେ ତାଙ୍କୁ ୨ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଗୁଣିଆ ହାଡ଼ିବନ୍ଧୁଙ୍କୁ ଯୋଗାଯୋଗ କରିବାରୁ ସେ ୩୭ ହଜାର ଟଙ୍କା ନେବେ ବୋଲି କହିଥିଲେ। ପରେ ଗ୍ରାମବାସୀ ୩ ହଜାର ଟଙ୍କା ଆଗୁଆ ଦେଇଥିବା ବେଳେ ଅବଶିଷ୍ଟ ଟଙ୍କା ଚୋର ଧରିଲା ପରେ ଦେବେ ବୋଲି ତୁଟିଥିଲା। ଶୁକ୍ରବାର ଗ୍ରାମକୁ ଗୁଣିଆ ଆସି ଖଟ ବୁଲାଉଥିବା ବେଳେ ୩ ଥର ଟାଉନ ପୋଲିସ ଯାଇଥିଲେ ମଧ୍ୟ ଗୁଣିଆଙ୍କୁ ଧରି ପାରି ନ ଥିଲା। ପରେ ପୋଲିସ ସନ୍ଧ୍ୟାରେ ଗୁଣିଆ ହାଡିବନ୍ଧୁଙ୍କୁ ଧରି ଅଟକ ରଖିଥିଲା। ଶନିବାର ଗିରଫ କରିଛି। ପ୍ରକାଶ ଯେ, ଜୁନ୍ ୧୦ ତାରିଖରେ ରଣପୁର ଥାନା କୋଟଗଡ଼ ଗ୍ରାମରେ ଓ ଜୁନ୍ ୨୨ତାରିଖରେ ସଦର ଥାନା ବାଲିପାଟଣା ଗ୍ରାମରେ ଖଟ ବୁଲାଇବା ଘଟଣାରେ ପୋଲିସ ୨ ଜଣ ଗୁଣିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।



ଗିରଫ ଗୁଣିଆ ହାଡ଼ିବନ୍ଧୁ।

## ଶମ୍ବର ମାଂସ ବିକ୍ରି କରିବା ଅଭିଯୋଗରେ ଜଣେ ଗିରଫ

**ନୟାଗଡ଼ ଅଫିସ,୨।୧୧**

ନୟାଗଡ଼ ପଞ୍ଚରିଡା ବନାଞ୍ଚଳ ଅନ୍ତର୍ଗତ କନ୍ଧନୂଆପଲ୍ଲୀ ଗ୍ରାମ ଛକରେ ଶମ୍ବର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ବନ ବିଭାଗ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ହେଲେ କନ୍ଧନୂଆପଲ୍ଲୀ ଗ୍ରାମର ସନ୍ତୋଷ ନାୟକ। ବନ ବିଭାଗଠାରୁ ମିଳିଥିବା ସୂଚନା ଅନୁସାରେ, କନ୍ଧନୂଆପଲ୍ଲୀ ଗ୍ରାମରେ ସନ୍ତୋଷ ଶମ୍ବର ମାଂସ ବିକ୍ରି କରୁଥିବା ବିଶେଷ ସୂତ୍ରରୁ ଖବର ପାଇ ବନବିଭାଗ ଚଢ଼ାଉ କରିଥିଲା। ସନ୍ତୋଷଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କଠାରୁ ମାଂସ ଜବତ କରାଯାଇଥିବା ବନାଞ୍ଚଳ ଅଧିକାରୀ ଅର୍ଚ୍ଚନା ଗମାଙ୍ଗୋ ପ୍ରକାଶ କରିଛନ୍ତି। ସେହିପରି ଶୁକ୍ରବାର ସନ୍ଧ୍ୟାରେ ବୁଢ଼ାବୁଢ଼ିଆଣୀ ଜଳଭଣ୍ଡାର ନିକଟରେ ଚଢ଼ାଉ କରି ୩ ଗୋଟି ଶାଳଗଣ୍ଡି ଜବତ କରାଯାଇଥିଲା, ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି।



## ■ ୧୦୦ ଅତିରିକ୍ତ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ନିର୍ମାଣ ଘୋଷଣା

# ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ନୟାଗଡ଼ବାସୀ



ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଉଛି।

**ନୟାଗଡ଼ ଅଫିସ,୨।୧୧**

ନୟାଗଡ଼ବାସୀ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୦୦ ଗୋଟି ଅତିରିକ୍ତ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ନିର୍ମାଣ ହେବା ନେଇ ଘୋଷଣା କରିବା ପରେ ନୟାଗଡ଼ବାସୀ ଖୁସି ପ୍ରକାଶ କରି ଶନିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ବିଧାୟକ ତଥା କୃଷି ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ନୟାଗଡ଼ର ଜନସାଧାରଣ, ଜନ ପ୍ରତିନିଧିମାନେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ପ୍ରକାଶ ଯେ, ଗତ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅତିରିକ୍ତ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ନିର୍ମାଣ ହେବା ସହିତ ଜିଲା ରୋଗୀ କଲ୍ୟାଣ ସମିତି ପାଣ୍ଠିକୁ ୧୦ ଲକ୍ଷ ଟଙ୍କା, ଜିଲାକୁ ଦୁଇଟି ଆମ୍ବୁଲାନ୍ସ ଓ ଗୋଟିଏ ମହାପ୍ରୟାଣ ଗାଡ଼ି ଯୋଗାଇ ଦିଆଯିବା ପାଇଁ ଘୋଷଣା କରିଥିଲେ।

# ଦୁର୍ନୀତି ବିରୋଧରେ ଲଢ଼େଇ ପାଇଁ ଛାତ୍ରୀଛାତ୍ରଙ୍କ ଶପଥ

**ଭାପୁର,୨।୧୧(ଡି.ଏନ୍.ଏ.)**

ଭାପୁର ବ୍ଲକ ପଦ୍ମାବତୀ ଗ୍ରାମଠାରେ ପ୍ରତିଷ୍ଠିତ ଯୁକ୍ତ ୨ ପ୍ରହ୍ଲାଦ ମହାବିଦ୍ୟାଳୟଠାରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଛି। ଶତାଧିକ ଛାତ୍ରୀଛାତ୍ର ଦୁର୍ନୀତି ବିରୋଧରେ ଲଢ଼େଇ କରିବାକୁ ଶପଥ ନେଇଛନ୍ତି। ୨୫ ଜଣ ଛାତ୍ରୀ ଓ ୨୫ ଜଣ ଛାତ୍ର ସ୍ୱେଚ୍ଛାସେବୀ ଭାବେ ନିକଟସ୍ଥ ପଦ୍ମାବତୀ, କରବର, ଲଣ୍ଡାବର, ଟିଙ୍କିରିପଡ଼ା, ରଗଡ଼ିପଡ଼ା, ଝଗଡ଼ପଡ଼ା ଓ ତଳମାରଡ଼ା ଗ୍ରାମକୁ ଯାଇ ବିଭିନ୍ନ ବର୍ଗର ନାଗରିକମାନଙ୍କୁ ଭେଟି ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁସଚେତନ କରିଥିଲେ। କଲେଜର ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାମନ୍ତରାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରୋଗ୍ରାମ ଅଫିସର କୃଷ୍ଣପ୍ରିୟା ମହାନ୍ତି ଓ ବିନୟ କୁମାର ସାହୁ ଛାତ୍ରୀଛାତ୍ରଙ୍କ ସହ ଗାଁ ଗାଁ ବୁଲି ସହଯୋଗ କରିଥିଲେ। ସପ୍ତାହ ଶେଷ ଦିବସରେ ପ୍ରାଧାପକ ଚିତ୍ତରଞ୍ଜନ ମହାପାତ୍ର, ଫକୀରମୋହନ ସ୍ୱାଇଁ, କମଳ କୁମାର ରଣା ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ର ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ଛାତ୍ରୀଛାତ୍ରଙ୍କୁ ଦୁର୍ନୀତି ବିରୋଧରେ ଲଢ଼େଇ କରି ଏକ ସ୍ୱଚ୍ଛ ଭାରତ ଗଠନର ବାର୍ତ୍ତା ଦେଇଥିଲେ।



ଶୋଭାଯାତ୍ରାରେ ଛାତ୍ରୀଛାତ୍ର।

## ସମିତି ସଭ୍ୟ ପଦବୀ ପାଇଁ ୨ ନାମାଙ୍କନ ପତ୍ର

**ଭାପୁର,୨।୧୧(ଡି.ଏନ୍.ଏ.)**

ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତ ସମିତି ସଭ୍ୟଙ୍କ ଅକାଳ ମୃତ୍ୟୁ ପରେ ଖାଲି ପଡ଼ିଥିବା ଉକ୍ତ ପଦବୀ ପାଇଁ ଉପନିର୍ବାଚନ ହେବ। ଏଥିଲାଗି ୨ ଜଣ ପ୍ରାର୍ଥିନୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ସୁଚିତ୍ରା ନାୟକ ଓ ସରୋଜିନୀ ଦେଇ। ସେହିଭଳି ଏହି ବ୍ଲକ ଧାନଚାଙ୍ଗଡ଼ା ପଞ୍ଚାୟତ ୭ ନମ୍ବର ୱାର୍ଡ ପାଇଁ ଏକମାତ୍ର ପ୍ରାର୍ଥିନୀ ସରୋଜିନୀ ସ୍ୱାଇଁ, ଭଗବାନପୁର ପଞ୍ଚାୟତ ୨ ନମ୍ବର ୱାର୍ଡ ପାଇଁ ଏକମାତ୍ର ପ୍ରାର୍ଥୀ ଦୁବେଇ ପ୍ରଧାନ ଓ ବାଘୁଆପଲୀ ପଞ୍ଚାୟତର ୬ ନମ୍ବର ୱାର୍ଡ ପାଇଁ ଏକମାତ୍ର ପ୍ରାର୍ଥୀ ସନ୍ତୋଷ କୁମାର ବେହେରା ନାମାଙ୍କନ କରିଛନ୍ତି। ଉକ୍ତ ୩ଟି ପଞ୍ଚାୟତର ୱାର୍ଡ଼ ସଭ୍ୟ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ନାମାଙ୍କନ କରିଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ଘୋଷଣା ହେବେ। ବାଇଗୁଣିଆ ପଞ୍ଚାୟତ ପାଇଁ ହେବାକୁ ଥିବା ସମିତିସଭ୍ୟ ନିର୍ବାଚନ ପାଇଁ ୪ ତାରିଖରେ ନାମାଙ୍କନ ଯାଞ୍ଚ, ୫ ତାରିଖରେ ପ୍ରାର୍ଥୀପତ୍ର ଘୋଷଣା, ୭ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ। ୨୭ ତାରିଖ ସକାଳ ୭ଟାଠାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ ଓ ୨୮ ତାରିଖରେ ବ୍ଲକରେ ଗଣତି ହେବ।

## ■ ଦ୍ୱିତୀୟ ଦିନରେ ଶରଣକୁଳ ଫୁଟବଲ୍ ଟୁର୍ନାମେଣ୍ଟ

# ଟାଇବ୍ରେକରରେ ଝାଡ଼ଖଣ୍ଡ ବିଜୟୀ

**ନୟାଗଡ଼ ଅଫିସ,୨।୧୧**

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍ଲେଟିକ ଆସୋସିଏଶନ ପକ୍ଷରୁ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ୬୦ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ ଚାଲୁ ରହିଛି। ଦ୍ୱିତୀୟ ଦିନରେ ସ୍ପୋର୍ଟସ ହଷ୍ଟେଲ ସମ୍ବଲପୁର ଓ ଧାନବାଦ୍ ଫୁଟବଲ୍ ଆସୋସିଏଶନ ଝାଡ଼ଖଣ୍ଡ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ବେଶ ସଂଘର୍ଷପୂର୍ଣ୍ଣ ଥିବାବେଳେ ୫ ମିନିଟରେ ସମ୍ବଲପୁର ଦଳର ୩ ନମ୍ବର ଖେଳାଳି ଶ୍ରୀକାନ୍ତ ଭୋଇ ବିପକ୍ଷ ଦଳକୁ ଏକ ଗୋଲ୍ ସ୍କୋର ଦେଇଥିଲେ। ଏହା ପରେ ଝାଡ଼ଖଣ୍ଡ ଦଳର ୧୬ ନମ୍ବର ଖେଳାଳି ସୁଶୀଲ ସିଂହ ବିପକ୍ଷ ଦଳକୁ ଗୋଲ୍ ସ୍କୋର ଦେଇ ସ୍ଥିତି ବରାବର ରଖିଥିଲେ। ଏହାପରେ ଖେଳର ଦ୍ୱିତୀୟାର୍ଦ୍ଧର ୧୭ ମିନିଟରେ ଝାଡ଼ଖଣ୍ଡ ଦଳର ୧୫ ନମ୍ବର ଖେଳାଳି ସଞ୍ଜୟ କୁମାର ବିପକ୍ଷ ଦଳକୁ ଏକ ଗୋଲ ସ୍କୋର ଦେଇଥିବା ବେଳେ ୩୦ ମିନିଟରେ ସମ୍ବଲପୁର ଦଳର ୩ ନମ୍ବର ଖେଳାଳି ଶ୍ରୀକାନ୍ତ ବିପକ୍ଷ ଦଳକୁ ଏକ ଗୋଲ୍ ସ୍କୋର ଦେଇଥିଲେ। ଖେଳ ଶେଷ ପର୍ଯ୍ୟନ୍ତ ଉଭୟ ଦଳ ୨-୨ ଗୋଲ୍ ସ୍କୋର ଦେଇଥିବାରୁ ଖେଳ ଅମୀମାଂସିତ ରହିଥିଲା। ଏହା ପରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଝାଡ଼ଖଣ୍ଡ ଦଳ ବିଜୟୀ ହୋଇଥିଲା। ଶନିବାର ଖେଳରେ ସୁବାସ ଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ମହାରଣା, କୃଷ୍ଣଚନ୍ଦ୍ର ତ୍ରିପାଠୀ, ମନୋରଞ୍ଜନ ମହାପାତ୍ର, ଶିବପ୍ରସାଦ ପୁଷ୍ପପାଳକ ଅତିଥିଭାବେ ଯୋଗ ଦେଇଥିଲେ। ଶିବପ୍ରସାଦ ଦାସ ଖେଳ ପରିଚାଳନା କରିଥିବା ବେଳେ ରାଜୁ ମହାନ୍ତି , ଦିବ୍ୟରଞ୍ଜନ ଦାସ, ଲକ୍ଷ୍ମୀପ୍ରସାଦ ଲାଇନ୍‌ରେ ସହାୟତା କରିଥିଲେ। ଝାଡ଼ଖଣ୍ଡ ଦଳର ଖେଳାଳି ଶ୍ରୀକାନ୍ତ ଭୋଇଙ୍କୁ ଶନିବାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ରବିବାର ସଂଘର୍ଷ କ୍ଲବ ଭୁବନେଶ୍ୱର ସହିତ ସାଇ ହଷ୍ଟେଲ କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସଭାପତି ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।



ଖେଳର ଏକ ଦୃଶ୍ୟ।

## ■ ନବନିର୍ମାଣ କୃଷକ ସଙ୍ଗଠନର ବୈଠକ

# ରାଷ୍ଟ୍ରୀୟ ସମାବେଶରେ ଯୋଗଦେବାକୁ ଆହ୍ୱାନ

**ନୟାଗଡ଼ ଅଫିସ,୨।୧୧**

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ନୂଆଗାଁ ବ୍ଲକରେ ବ୍ଲକସ୍ତରୀୟ ବୈଠକ ମହିପୁର ରାମଚଣ୍ଡୀଙ୍କ ପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୬ ତାରିଖରେ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ହେବାକୁ ଥିବା ଦ୍ୱିତୀୟ ରାଷ୍ଟ୍ରୀୟ ସମ୍ମିଳନୀ ସଫଳ କରିବା ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ସଂଯୋଜକ ଧୀରେନ ଦାଶଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ନୂଆଗାଁ ବ୍ଲକର ସମସ୍ତ ପଞ୍ଚାୟତ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଜିଲା ସହ ସଂଯୋଜିକା ମମତା ନାଥ ତାଙ୍କ ବକ୍ତବ୍ୟରେ ସରକାର ସବୁବେଳେ ଚାଷୀଙ୍କୁ ଅଣଦେଖା କରୁଥିବା ପ୍ରକାଶ କରିଥିଲେ। ପ୍ରତ୍ୟେକ କମ୍ପାନୀ ତା'ର ଜିନିଷର ମୂଲ୍ୟ ନିର୍ଦ୍ଧାରଣ କରୁଥିବା ବେଳେ ଚାଷୀ ତା'ର ଉତ୍ପାଦିତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସପି)ରେ କାହିଁକି ବିକ୍ରି କରିପାରୁ ନାହିଁ, ଏହା ଚାଷୀମାନଙ୍କ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନ୍ୟାୟ କରୁଛନ୍ତି ବୋଲି କହିଥିଲେ। ସଂଯୋଜକ ଦାଶ ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ରାଜନୈତିକ ଦଳ ଚାଷୀଙ୍କୁ ଲୁଟି ଚାଲିଛନ୍ତି ଆଉ ଭଣ୍ଡାଉଛନ୍ତି ବୋଲି କହିଥିଲେ। ରାଜ୍ୟରେ ଟଙ୍କାର ଅଭାବ ନ ଥିବା ବେଳେ ରାଜନେତାମାନେ ଚାଷୀଙ୍କ ଉନ୍ନତି ପାଇଁ ଇଚ୍ଛାଶକ୍ତିର ଅଭାବ ପରିଲକ୍ଷିତ ହେଉଥିବା ପ୍ରକାଶ କରିଥିଲେ। ଚାଷୀମାନେ ଦେଶକୁ ଦାନା ଯୋଗାଉଥିବା ବେଳେ ସରକାର ସେମାନଙ୍କୁ ଲୁଟି ଚାଲୁଛନ୍ତି। ତେଣୁ ଏହାର ପ୍ରତିବାଦରେ ୬ ତାରିଖରେ ହେବାକୁ ଥିବା ସମାବେଶରେ ପ୍ରତ୍ୟେକ ଗ୍ରାମର ଶହ ଶହ ଚାଷୀ ଯୋଗ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଜିଲା ସହ ସଂଯୋଜକ ରଞ୍ଜିତ ଦଳବେହେରା ନିଜ ବକ୍ତବ୍ୟରେ ଚାଷୀମାନଙ୍କ ହକ୍ ପାଇଁ ଆନ୍ନା ହଜାରେ ଓ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର , ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗ ଦେଇଥିବାରୁ ହଜାର ହଜାର ଚାଷୀ ଯୋଗ ଦେଇ ସେମାନଙ୍କ ହକ୍ ପୂରଣ କରିବା ପାଇଁ ଆନ୍ଦୋଳନ କରିବା ଦରକାର ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଆର୍ତ୍ତତ୍ରାଣ ମହାପାତ୍ର, ଭଗବାନ ସେନାପତି, ରବୀନ୍ଦ୍ର କୁମାର ବରାଡ଼, ପ୍ରଦୀପ କୁମାର ନାୟକ, ଅକ୍ରୁର ସାସମଲ, ଗଙ୍ଗାଧର ମୁଦୁଲି, ଶୂନ୍ୟବାସୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା କୃଷକମାନେ।